

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୦ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 NOVEMBER 2022

Vol.No. 33 ■ No. 301 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ପରିଜାଙ୍କୁ ଇଡିର ଡାକରା : ୧୨ ଜଣଙ୍କୁ ନୋଟିସ୍

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ପଦାକୁ ଆସିବ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗର କ୍ରାଇମ ପାର୍ଟନରଙ୍କ ଚେହେରା । ଖଗେଶ୍ୱରକୁ ନବମ ଦିନର ଜେରା ଓ ଆକାଉଣ୍ଟ ଟ୍ରାଞ୍ଜାକସନର ଖୋଳତାଡ଼ ପରେ ଇଡି ହାତରେ ଲାଗିଛି ଏହି ବିସ୍ଫୋରକ ତଥ୍ୟ । ୧୨ ଜଣଙ୍କୁ ଏନେଇ ଇଡି ପକ୍ଷରୁ ସମନ ଜାରି କରାଯାଇଛି । ନିର୍ଦ୍ଧାରିତ ସମୟ ଓ ତାରିଖ ମଧ୍ୟରେ ହାଜର ହେବାକୁ ସମନରେ ଉଲ୍ଲେଖ ରହିଛି । ସୂତ୍ର ଅନୁସାରେ ବିଲଡର, ବ୍ୟବସାୟୀ ଓ ଅର୍ଚ୍ଚନାଙ୍କ ଘନିଷ୍ଠ ସମ୍ପର୍କୀୟଙ୍କୁ ଅଫିସକୁ ଡାକି ଜେରା କରିବ ଇଡି । ଏହି ୧୨ ଜଣଙ୍କ ମଧ୍ୟରୁ ୮ ଜଣଙ୍କର ଅର୍ଚ୍ଚନା ନାଗ ଓ ସ୍ୱାମୀ



ଜଗବନ୍ଧୁ ଚାନ୍ଦଙ୍କ ସହ ଆର୍ଥିକ ନେଣଦେଣ ନେଇ ଠୋସ୍ ପ୍ରମାଣ ପାଇଛି ଇଡି । ଏସମସ୍ତଙ୍କୁ ଆସନ୍ତା ୨୧ ତାରିଖରୁ ୨୭ ତାରିଖ ମଧ୍ୟରେ ଭୁବନେଶ୍ୱର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ପଡ଼ିବ । ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଶନିବାର ହାଜର ହେବା ପାଇଁ ଇଡି ନୋଟିସ୍ ପଠାଇଥିଲା । ହେଲେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଇ ହାଜର ହୋଇ ନାହାନ୍ତି ଅକ୍ଷୟ । ବରଂ ନିଜ ଓକିଲଙ୍କ ମାଧ୍ୟମରେ ଅଧିକ ସମୟ ମାଗିଥିବା ବେଳେ ଇଡି ମାତ୍ର ୨ ଦିନର ମହଲତ ଦେଇଛି । ଆଉ ଆସନ୍ତା ୨୧ ତାରିଖରେ ଇଡି ଅଫିସରେ ହାଜର ହେବା ପାଇଁ ଅକ୍ଷୟଙ୍କୁ ଇଡି ପକ୍ଷରୁ ତାଗିଦ କରାଯାଇଛି । ଅନ୍ୟପଟେ ତଦନ୍ତ ବେଳେ ବହୁ ବଡ଼ବଡିଆ ଲୋକଙ୍କ ଚେହେରା ପଦାକୁ ଆସିବ ବୋଲି କହିଛନ୍ତି ଅକ୍ଷୟଙ୍କ ଓକିଲ । ଏହି ସମୟରେ ଅକ୍ଷୟ ପରିଜା ଓ ଫେରାର ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବୟାନ ଇଡି ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । କାହିଁକି ନା ଅକ୍ଷୟଙ୍କ ବିରୋଧରେ ଅର୍ଚ୍ଚନା ନାଗ ଓ ଶ୍ରଦ୍ଧାଞ୍ଜଳି ବେହେରା ଅପରାଧିକ ଷଡ଼ଯନ୍ତ୍ର ରଚି ଅନ୍ତରଙ୍ଗ ମହୂର୍ତ୍ତର ଭିଡିଓ ଭାଇରାଲ କରିବା ସହ ବ୍ଲାକମେଲିଂ କରିଥିବା ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ ଅକ୍ଷୟ ପରିଜା । କେବଳ ଏହି ୧୨ ଜଣଙ୍କୁ ନୁହେଁ, ଅର୍ଚ୍ଚନା ସହ ଜଡ଼ିତ ଥିବା ଏକାଧିକ ଲୋକଙ୍କୁ ଖୁବଶୀଘ୍ର ସମନ ଜାରି କରି ଇଡି କାର୍ଯ୍ୟାଳୟକୁ ଘୋଷାଡ଼ିବେ ତଦନ୍ତକାରୀ ଅଫିସର, ଯାହାକୁ ନେଇ ଚିନ୍ତାରେ ବଡ଼ବଡ଼ିଆ ।

ଇଚ୍ଛାଧୀନ କୋଟା କେଳେଙ୍କାରୀ, ଗୋଟିଏ ଫ୍ଲାଟ କିମ୍ବା ଘର ପାଇଥିଲେ ମାଫ୍

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ବିଡିଏ, ସିଡିଏ ଓ ହାଉସିଂବୋର୍ଡରୁ ଇଚ୍ଛାଧୀନ କୋଟାରେ ଗୋଟିଏ ଫ୍ଲାଟ କିମ୍ବା ଘର ପାଇଥିବା ବ୍ୟକ୍ତିବିଶେଷଙ୍କୁ ଆଶ୍ୱସ୍ତି ମିଳିଛି । ୮ ବର୍ଷ ତଳୁ ଏହାକୁ ନେଇ ଯେଉଁ ବିବାଦ ଚାଲିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ରାଜ୍ୟ ସରକାର । ଇଚ୍ଛାଧୀନ କୋଟାରେ ଏକକ ଫ୍ଲାଟ କିମ୍ବା ଫ୍ଲାଟଧାରୀ ଅଡୁଆ ପରିସ୍ଥିତିରୁ ମୁକୁଳିଛନ୍ତି । ରାଜ୍ୟ କ୍ୟାବିନେଟ୍ ଏହାକୁ ମଞ୍ଜୁରୀ ଦେଇଛି । ରାଜ୍ୟ ସରକାର କହିଛନ୍ତି, ଇଚ୍ଛାଧୀନ କୋଟାରେ ଯେଉଁମାନେ ଗୋଟିଏ ଫ୍ଲାଟ କିମ୍ବା ଫ୍ଲାଟ ପାଇଛନ୍ତି ତାହା ଯଥାର୍ଥ ।

ଏ ନେଇ ନ୍ୟାୟାଳୟ ମଧ୍ୟ ଅନୁକୂଳ ମନ୍ତବ୍ୟ ଦେଇଛନ୍ତି। ଏହି ଆବଣ୍ଟନଗୁଡିକ ଟାସ୍କଫୋର୍ସ ରିପୋର୍ଟ ପରିଧିରୁ ବାଦ ଦିଆଯିବ। ଉତ୍ତରାଧିକାରୀଙ୍କ ସପକ୍ଷରେ ସେମାନେ ଦାଖଲ-ଖାରଜ କରିପାରିବେ। ଟାସ୍କଫୋର୍ସର ଏହି ସୁପାରିସ ଫଳରେ ଇଚ୍ଛାଧୀନ କୋଟାରେ ଜମି ଓ ଘର ପାଇଥିବା ବ୍ୟକ୍ତି ▶▶ପୃଷ୍ଠା ୭

ଡିସେମ୍ବର ୭ରୁ ସଂସଦର ଶୀତକାଳୀନ ଅଧିବେଶନ

ନୂଆଦିଲ୍ଲୀ, ୧୯/୧୧ : ଆସନ୍ତା ଡିସେମ୍ବର ୭ରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି। ସେ ଟ୍ୱିଟ କରିଛନ୍ତି ଯେ, ୨୦୨୨ର ସଂସଦୀୟ ଶୀତକାଳୀନ ଅଧିବେଶନ ଡିସେମ୍ବର ୭ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୨୩ ଦିନ ଧରି ହେବାକୁ ଥିବା ଏହି ଅଧିବେଶନରେ ସମୁଦାୟ ୧୭ଟି ବୈଠକ ବସିବ। ଏହି ଅଧିବେଶନରେ ଆଇନ ପ୍ରସ୍ତୁତି ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହେବ । ଏଥର ଶୀତକାଳୀନ ଅଧିବେଶନରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପ୍ରଥମ ଥର ପାଇଁ ରାଜ୍ୟସଭା ଅଧିବେଶନ ପରିଚାଳନା କରିବେ। ଚଳିତ ଶୀତକାଳୀନ ଅଧିବେଶନରେ ସରକାର ଅନେକ ଚିଠା ପାରିତ କରିବାକୁ ଯୋଜନା କରିଛନ୍ତି। ସେହିପରି ବିରୋଧୀ ଦଳମାନେ ମଧ୍ୟ ସେ ସବୁ ଚିଠା ଉପରେ ଆଲୋଚନା କରିବାକୁ ଦାବି କରିବେ। ଗତ ଦୁଇବର୍ଷ ହେବ କୋଭିଡ୍ କଟକଣା ସଂସଦୀୟ ଅଧିବେଶନକୁ ବିଶେଷ ପ୍ରଭାବିତ ହୋଇଥିଲା । ଏଥର କୋଭିଡ୍ ସଂକ୍ରମଣ ସଂଖ୍ୟା ବ୍ୟାପକ ହ୍ରାସ ପାଇବା ଏବଂ ଲୋକସଭା ଓ ରାଜ୍ୟସଭା ସଚିବାଳୟର ସମସ୍ତ ସାଂସଦ ଓ କର୍ମଚାରୀ ଟିକା ନେଇଥିବାରୁ ଅଧିବେଶନ ଚାଲିବା ବେଳେ କଟକଣା କୋଠର ହେବନାହିଁ।

ବାରଣାସୀରେ କାଶୀ ତାମିଲ ସଙ୍ଗମମକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ବାରଣାସୀ/ଭୁବନେଶ୍ୱର,୧୯/୧୧ (ନି.ପ୍ର): 'କାଶୀ ତାମିଲ ସଙ୍ଗମମ' ବାସ୍ତବରେ ଭାରତର ବିବିଧତା ଏବଂ ବିଶେଷତାର ଉତ୍ସବ । ଏଥିପାଇଁ ଏହି କାର୍ଯ୍ୟକ୍ରମ ନିଜ ନିଜ ମଧ୍ୟରେ ବିଶେଷ ଏବଂ ଅଦ୍ୱିତୀୟ ବୋଲି ଶନିବାର ଉତ୍ତରପ୍ରଦେଶର ବାରଣାସୀ ଠାରେ ଏକ ମାସ ବ୍ୟାପୀ କାର୍ଯ୍ୟକ୍ରମ 'କାଶୀ ତାମିଲ ସଙ୍ଗମମ'କୁ ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଆମର ଦେଶରେ ସଙ୍ଗମ ଗୁଡ଼ିକର ବଡ ମହିମା ଓ ବଡ଼ ମହତ୍ୱ ରହିଛି । ନଦୀ ଏବଂ ଧାରାର ମିଳନ କାରଣରୁ ବିଚାର-ବିଚାରଧାରା, ଜ୍ଞାନ-ବିଜ୍ଞାନ ଏବଂ ସମାଜ-ସଂସ୍କୃତିର ସବୁ ସଙ୍ଗମକୁ ଆମେ

ପାଳନ କରିଛୁ । ଆଉ ଏକ ସମ୍ପୂର୍ଣ୍ଣ ଭାରତକୁ ନିଜ ମାଧ୍ୟମରେ ଏକାଠୀ କରିଥିବା ଆମର ସାଂସ୍କୃତିକ ରାଜଧାନୀ ହେଉଛି କାଶୀ । ସେହିପରି ଭାରତର ପ୍ରାଚୀନ ଏବଂ ଗୌରବର କେନ୍ଦ୍ର ହେଉଛି ତାମିଲନାଡୁ ଓ ତାମିଲ ସଂସ୍କୃତି । ଏହି ସଙ୍ଗମ ମଧ୍ୟ ଗଙ୍ଗା ଯମୁନା ଭଳି ପବିତ୍ର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମହାନ ସନ୍ଥ ତିରୁବଲ୍ଲୁଭରଙ୍କ ଦ୍ୱାରା ରଚିତ ପବିତ୍ର ଗ୍ରନ୍ଥ 'ତିରୁକୁରଲର'ର ୧୩ଟି ଭାରତୀୟ ଭାଷାରେ ଅନୁବାଦ ଲୋକାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ କାଶୀ ତାମିଲ ସଙ୍ଗମମ୍ ଏକ ଭାରତ, ଶ୍ରେଷ୍ଠ ଭାରତର ଭାବନାକୁ ଜୀବନ୍ତ ରୂପ ଦେବ । ଆମର ସାଂସ୍କୃତିକ ସମ୍ପର୍କ, ଆମର ଏକତା ଏବଂ ସମାନ ଐତିହ୍ୟକୁ ସମୃଦ୍ଧ କରିବାରେ କାଶୀ ତାମିଲ ସଙ୍ଗମମ ନୂଆ ଅଧ୍ୟାୟ ଲେଖିବ । ରାଷ୍ଟ୍ରୀୟ ଶିକ୍ଷା ନୀତିର ଦୃଷ୍ଟିକୋଣ ଅନୁସାରେ ଆଧୁନିକ ନୂଆପିଢିଙ୍କୁ ପ୍ରସ୍ତୁତ କରିବାରେ ଏହା ଏକ ପ୍ରତୀକ ହେବ । ଉତ୍ତର ଏବଂ ଦକ୍ଷିଣ ଭାରତୀୟଙ୍କ ବିଦ୍ୱାନ ଓ ଦର୍ଶନ ଦ୍ୱାରା ଏହି ମିଳନରୁ ଉତ୍ପନ ହେବାକୁ ଥିବା ଅମୃତ, ଜ୍ଞାନ, ଅନୁସନ୍ଧାନ ଏବଂ ▶▶ପୃଷ୍ଠା ୭

ରାହୁଲଙ୍କ ବୟାନ, ଉଦ୍ଧବ ଗୋଷ୍ଠୀର ନିନ୍ଦା

ନୂଆଦିଲ୍ଲୀ, ୧୯/୧୧ : ଭାରତ ଯୋଡ଼ ଯାତ୍ରାର ମହାରାଷ୍ଟ୍ର ସଭାରେ ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କୁ ନେଇ ଏଭଳି କିଛି ବୟାନ ଦେଇଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ । ବାଣ୍ ଏହିଠାରୁ ହିଁ ଆରମ୍ଭ ହେଲା ଆରୋପ ପ୍ରତ୍ୟାରୋପ ଓ ଦୋଷ ଲଦାଲଦି ପର୍ବ । ବୟାନକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଛି । ବୀର ସାବରକଙ୍କ ସମ୍ପର୍କୀୟଙ୍କଠୁ ନେଇ ଶିବସେନା । କଂଗ୍ରେସ ଓ ରାହୁଲଙ୍କୁ ଏନେଇ ପ୍ରଶ୍ନବାଣ କରୁଛନ୍ତି । ଏହା ଭିତରେ ଶିବସେନାର ଉଦ୍ଧବ ଗୋଷ୍ଠୀ ପରୋକ୍ଷଭାବରେ ବଡ ଚେତାବନୀ ମଧ୍ୟ ଦେଇଛି । ଶିବସେନା ନେତା ସଂଜୟ ରାଉତ କହିଛନ୍ତି ରାହୁଲଙ୍କ ଏଭଳି ବୟାନ ଗ୍ରହଣୀୟ ନୁହେଁ । ଦଳକୁ ଏହାକୁ ନିନ୍ଦା କରୁଛି ।

ସମୟ ଥାଉ ଥାଉ ସମ୍ଭାଳିଯାଉ କଂଗ୍ରେସ । ନଚେତ ଶିବସେନାର ଉଦ୍ଧବ ଗୋଷ୍ଠୀ ମହା ଅଘାଡି ମେଂଟରୁ ଓହରିପାରେ । ସେପଟେ କଂଗ୍ରେସ ନିଜର ସଫେଇ ରଖିଛି । ଦଳ କହିଛି ସଭାରେ ରାହୁଲ କୌଣସି କଥା ମନକୁ କହିନାହାଁନ୍ତି । ଇତିହାସର ଫର୍ଦ୍ଦରୁ ମିଳିଥିବା କିଛି ତଥ୍ୟକୁ ନେଇ କହିଛନ୍ତି । କୌଣସି ସ୍ୱାଧୀନତା ସଂଗ୍ରାମୀ ବା ସମ୍ମାନନୀୟ ବ୍ୟକ୍ତିଙ୍କୁ ଅପମାନ କରିବା କଂଗ୍ରେସର ଉଦ୍ଦେଶ୍ୟ ନୁହେଁ ବୋଲି ଦଳ କହିଛି । ଶିବସେନା ଓ କଂଗ୍ରେସ ମଧ୍ୟରେ ଛିଡା ହୋଇଥିବା ନୂଆ ବିବାଦକୁ ନେଇ ପ୍ରତିକ୍ରିୟା ରଖିଛି ବିଜେପି । ଦଳ କହିଛି ଦେଶର ଇତିହାସ ବାବଦରେ ଭଲ ଭାବେ ଅବଗତ ନୁହେଁ କଂଗ୍ରେସ । ତେଣୁ ବିନା ଜ୍ଞାନ ଓ ସୂଚନାରେ ଏଭଳି ବୟାନବାଜୀ ଚାଲିଛି । ବିଷିଷ୍ଟ ବ୍ୟକ୍ତିଙ୍କ ଅପମାନ କରିବା ପାଇଁ ଦଳ ତିଳେ ହେଲେ ଦୁଖିତ ନୁହେଁ । ଶିବସେନାର ସିନ୍ଦେ ଗୋଷ୍ଠୀ ମହାରାଷ୍ଟ୍ର ଠାଣେ ଥାନାରେ ରାହୁଲ ଗାନ୍ଧିଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି ।

ଟ୍ୱିଟରର ନୂଆ ନିୟମ : ଅଳ୍ପ କର୍ମଚାରୀ, ଅଧିକ କାମ

ନୂଆଦିଲ୍ଲୀ, ୧୯/୧୧ : ଏଲନ ମସ୍କ ଟ୍ୱିଟରର ନୂଆ ସିଇଓ ହେବା ପରେ ଲଗାତର ବଦଳିବାରେ ଲାଗିଛି ଟ୍ୱିଟରର ନିୟମ । ପ୍ରତିଦିନ ଆସୁଛି ନୂଆ ନୂଆ ନିୟମ । ଟ୍ୱିଟରରେ ପରିବର୍ତନ ପାଇଁ ବଡ଼ ବଡ ନିଷ୍ପତି ନେଉଛନ୍ତି ଏଲନ ମସ୍କ । ଏହି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନୂଆ ରୂପ ଦେବା ପାଇଁ ଚେଷ୍ଟା କରୁଛନ୍ତି ମସ୍କ । ଟ୍ୱିଟରରେ କାମ କରୁଥିବା କର୍ମାଚାରୀଙ୍କ ଉପରେ ଲଦି ଦିଆଯାଉଛି କଠୋର ନୀତି । ସେଥିପାଇଁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମସ୍କ ଟ୍ୱିଟରର୍ ସିଇଓ ହେବା ପରେ କିଛି କର୍ମଚାରୀଙ୍କୁ ଛଟେଇ କରିଥିଲେ । ତେଣୁ ଅନ୍ୟ କର୍ମଚାରୀଙ୍କ ଉପରେ କାମ ଚାପ ବଢିଥିଲା । ସେମାନଙ୍କୁ ଡ଼େଡ଼ଲାଇନ ଓ ଚେତାବନୀ ଦେବା

ଯୋଗୁଁ ଶତାଧିକ କର୍ମଚାରୀ ଅତିଷ୍ଠ ହୋଇ ଚାକିରିରୁ ଦେଇଛନ୍ତି ଇସ୍ତଫା । ସିଏନବିସିର ରିପୋର୍ଟ ଅନୁସାରେ ଗତ ସପ୍ତାହରେ ଶତାଧିକ ଟ୍ୱିଟର୍ କର୍ମଚାରୀ ଚାକିରିରୁ ଇସ୍ତଫା ଦେଇଛନ୍ତି । ୟୁଜର୍ସମାନଙ୍କ ପାଇଁ ଟ୍ୱିଟର ଆଣିଛି ନୂଆ ନିୟମ । ନୂଆ ୟୁଜରର୍ସଙ୍କୁ ବ୍ଲୁଟିକ୍ ପାଇବାକୁ ହେଲେ ଟ୍ୱିଟରରେ ୯୦ ଦିନ ଧରି ଅପେକ୍ଷା କରିବାକୁ ପଡ଼ିବ । ଏହା ସହ ନକରାତ୍ମକ ଓ ଘୃଣା ସୃଷ୍ଟି କଲା ଭଳି ଟ୍ୱିଟ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ଟ୍ୱିଟରରେ ବାକ ସ୍ୱାଧୀନତା ରହିବ । ଏହି ପ୍ଲାଟଫର୍ମରେ କୌଣସି ନକରାତ୍ମକ ଚିନ୍ତାଧାରର ପ୍ରଚାର ହୋଇପାରିବ ନାହିଁ ବୋଲି ମସ୍କ ଟ୍ୱିଟ କରିଛନ୍ତି । ବ୍ୟାନ ହୋଇଥିବା କିଛି ୟୁଜର୍ସଙ୍କ ଆକାଉଂଟକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଲନ ମସ୍କ ଟ୍ୱିଟରର ସିଇଓ ହେବା ପରେ ନୂଆ ନୂଆ ନିୟମ ଲାଗୁ କରିବାରେ ଲାଗିଛନ୍ତି । କେବେ କର୍ମଚାରୀଙ୍କୁ ଛଟେଇ ତ କେବେ ୟୁଜର୍ସଙ୍କ ବ୍ଲୁଟିକ୍ ପଲିସିରେ ପରିବର୍ତନ ଆଣିଛନ୍ତି । ଟ୍ୱିଟରରେ ପରିବର୍ତନ କରିବା ପାଇଁ ଆଗକୁ ଆହୁରି ଅନେକ ନୂଆ ନିୟମ ଆସିପାରେ ବେଲି ଅନୁମାନ କରାଯାଉଛି ।

ଓଡିଶାରୁ ହଟିଲା କୋଭିଡ୍ କଟକଣା

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ହ୍ରାସ ପରେ ରାଜ୍ୟ ସରକାର ଶନିବାର ଓଡ଼ିଶା କୋଭିଡ-୧୯ ନିୟମାବଳୀ ୨୦୨୦'କୁ ଉଚ୍ଛେଦ କରିଛନ୍ତି । ଏହାପରେ ରାଜ୍ୟରେ କୋଭିଡ୍ କଟକଣା କିମ୍ବା କୋଭିଡ୍ ନିୟମାବଳୀ ମାନିବାକୁ କେହି ବାଧ୍ୟ ନୁହଁନ୍ତି । ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ରାଜ୍ୟରେ କୋଭିଡ୍ ମାମଲା ହ୍ରାସ ପରେ କୋଭିଡ-୧୯ ନିୟମାବଳୀ ୨୦୨୦କୁ ରାଜ୍ୟ ସରକାର ତତ୍କାଳ ପ୍ରଭାବରୁ ଉଚ୍ଛେଦ ପାଇଁ ନିଷ୍ପତି ନେଇଛନ୍ତି । ତେବେ ସାଧାରଣ ଲୋକମାନେ ଚାହିଁଲେ ନିଜେ ସ୍ୱେଚ୍ଛାକୃତ ଭାବେ ଆବଶ୍ୟକତା ଅନୁସାରେ ଏହି ନିୟମ ପାଳନ କରିପାରିବେ । ସୂଚନାଯୋଗ୍ୟ, କିଛି ବର୍ଷ ହେବ କୋଭିଡ ସଂକ୍ରମଣ ବଢ଼ିବା କାରଣରୁ ରାଜ୍ୟ ସରକାର କଟକଣା ଲାଗୁ କରିଥିଲେ। କୋଭିଡ ଆଇନ୍-୨୦୨୦ ଅନୁଯାୟୀ ଆବଶ୍ୟକତା ଠାରୁ ଅଧିକ ଭିଡ଼ ଲଗାଉଥିବା ଲୋକଙ୍କ ଉପରେ ଜରିମାନା ଲାଗୁ କରିଥିଲେ। ସେହିପରି ବିନା ମାସ୍କରେ ବୁଲିବା, ଛେପ ପକାଇଲେ ମଧ୍ୟ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଇଂଜିନିୟରିଂ କଲେଜଗୁଡ଼ିକରେ ନାମ ଲେଖା ଅବଧି ୫ ଦିନ ବୃଦ୍ଧି

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଓଡ଼ିଶାର ସରକାରୀ ଓ ଘରୋଇ ଇଂଜିନିୟରିଂ କଲେଜଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ଇଂଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ୫ ଦିନ ବୃଦ୍ଧି କରାଯାଇଛି। ଆଜି ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡ଼ିଛି ଯେ ବର୍ତମାନ ସୁଦ୍ଧା ସରକାରୀ ଓ ବେସରକାରୀ ଇଂଜିନିୟରିଂ କଲେଜଗୁଡ଼ିକରେ ୧୨ ହଜାର ୫୩୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଗତବର୍ଷ ଇଂଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କଠାରୁ ଚଳିତ ବର୍ଷ ୪ ହଜାର ଅଧିକ ବିଦ୍ୟାର୍ଥୀ ନାମ ଲେଖାଇଥିଲେ ମଧ୍ୟ ୬୦.୩୭ ପ୍ରତିଶତ ସ୍ଥାନ ଖାଲି ରହିଛି। ଏହାକୁ ଦୃଷ୍ଟିରେ ରଖି ଅଧିକ ଛାତ୍ରଛାତ୍ରୀଙ୍କୁ ଏହି ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ଦେବା ପାଇଁ ନାମଲେଖା ଅବଧିକୁ ୫ ଦିନ ବୃଦ୍ଧି କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରକାଶ ଥାଉ କି,ସରକାରୀ ଇଂଜିନିୟରିଂ କଲେଜରେ ୮୦.୮୮ ପ୍ରତିଶତ ସ୍ଥାନ ପୂରଣ ହୋଇ ସାରିଥିବାବେଳେ ଘରୋଇ ଇଂଜିନିୟରିଂ କଲେଜରେ ୩୩.୮୭ ପ୍ରତିଶତ ସ୍ଥାନ ପୂରଣ ହୋଇଛି। ଆସନ୍ତା ସପ୍ତାହରେ ନାମଲେଖା ଫି ସଂପର୍କରେ ବିସ୍ତୃତ ଆଲୋଚନା ପରେ ନିଷ୍ପତି ନିଆଯିବ ଏବଂ ଏହା ଆସନ୍ତା ତିନୋଟି ଶିକ୍ଷା ବର୍ଷ ନିମନ୍ତେ ଲାଗୁ କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ଏହି ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ପଦ୍ମପୁର ଉପନିର୍ବାଚନ : ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱରୁ ବାଦ୍ ଦିଆଯାଉ: ବିଜେପି

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ନିର୍ବାଚନମଣ୍ଡଳୀରେ ଥିବା କୌଣସି ସରକାରୀ ଅଧିକାରୀ କିମ୍ବା ସରକାରୀ ଚାକିରୀ କରୁଥିବା ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟୀତ୍ୱ ଦେବା ପାଇଁ ବାରଣ କରାଯାଇଛି । ତେଣୁ ଆଗାମୀ ପଦ୍ମପୁର ଉପନିର୍ବାଚନ ପରିଚାଳନା ପରିପ୍ରେକ୍ଷୀରେ ନିର୍ବାଚନମଣ୍ଡଳୀର ସମସ୍ତ "କାର୍ଯ୍ୟରତ କିମ୍ବା ବାସିନ୍ଦା" ସରକାରୀ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟୀତ୍ୱରୁ ବାଦ୍ ଦିଆଯାଉ । ସେହିପରି ମତଦାନ ସମୟରେ ମୋବାଇଲ ଫୋନ ବ୍ୟବହାର ଉପରେ ସଂପୂର୍ଣ୍ଣ ରୋକ ଲଗାଯାଉ । ଏଥି ସହ ଆଗାମୀ ପଦ୍ମପୁର ଉପ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପା

ଜନଜାତୀୟ ଗୌରବ ଦିବସରେ ଜନଜାତି ସମ୍ପ୍ରଦାୟଙ୍କର କଳା ଓ କଳାବସ୍ତୁ ପ୍ରଦର୍ଶନ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ଜନଜାତୀୟ ଗୌରବ ଦିବସ, ୨୦୨୨ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ୧୨ଟି ଜନଜାତି ସଂପ୍ରଦାୟଙ୍କର କଳା ଓ କଳାବସ୍ତୁ ପ୍ରଦର୍ଶନ କରାଯାଇଛି। ସେଗୁଡ଼ିକ ହେଉଛି ଡଙ୍ଗରିଆ କନ୍ଧମାନଙ୍କର ସୂଚୀକର୍ମ, ଲୋଧାମାନଙ୍କର ବାଉଁଶ ଶିଳ୍ପ, ଭୋତଡ଼ାମାନଙ୍କର ଧାନ୍ୟ ଶିଳ୍ପ, ଭୂମିଜ ଓ ସାନ୍ତାଳମାନଙ୍କର ସବାଇ ଶିଳ୍ପ, ସଉରା ଓ ଗଣ୍ଡମାନଙ୍କର ଚିତ୍ରକଳା, ବଣ୍ଡାମାନଙ୍କର ମାଳି କାମ, ଭୂମିଜଙ୍କର ପତ୍ରଶିଳ୍ପ, ଶବର ଓ ସାଉଁଟିମାନଙ୍କର ମୂର୍ତ୍ତିକା ଶିଳ୍ପ ଏବଂ ମୁଣ୍ଡାମାନଙ୍କର ଲାଖ ଶିଳ୍ପ। ଏହି କଳା ଓ କଳାବସ୍ତୁ ପ୍ରଦର୍ଶନରେ ବହୁ ସଂଖ୍ୟାରେ ଦର୍ଶକମାନେ ଆସି କଳାକାର ମାନଙ୍କୁ ଉତ୍ସାହିତ କରିବା ସହିତ ଜନଜାତି କଳାବସ୍ତୁ କ୍ରୟ କରୁଛନ୍ତି। ଏତଦ୍‌ବ୍ୟତୀତ କେରଳ ଏବଂ ମହାରାଷ୍ଟ୍ରର ଶକ୍ତି ସଚିବ, ଦକ୍ଷିଣ ଭାରତର ଚଳଚ୍ଚିତ୍ର ଜଗତର ପ୍ରତିଷ୍ଠିତ, ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକ ଏବଂ କଳାକାର ଏମ୍ ନସିର୍ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀ ମଧ୍ୟ ଏହି ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ଇଟାଲୀ, ଆମେରିକା, ଇଂଲଣ୍ଡ, କାନାଡ଼ା ଇତ୍ୟାଦି ଦେଶରୁ ବିଦେଶୀ ପରିଦର୍ଶକମାନେ ମଧ୍ୟ ଆସି ଏହି ପ୍ରଦର୍ଶନୀ ପରିଦର୍ଶନ କରି ଆନନ୍ଦିତ ହୋଇଛନ୍ତି।

ଦୁଟିଆଳ ହାଇସ୍କୁଲ ଶିକ୍ଷକ ପ୍ରତାପ ପତି ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୧୯/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଦୁଟିଆଳ ହାଇସ୍କୁଲର ସଂସ୍କୃତ ଶିକ୍ଷକ ପ୍ରତାପ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ପତି କରୋନା ମହାମାରୀ ସମୟରେ ଘରକୁ ଘର ବୁଲି ପିଲାମାନଙ୍କୁ ପାଠ ପଢାଇ ପ୍ରଶଂସିତ ହୋଇଥିଲେ। ରେଡିଓ ଆପ୍ ଦୂରଦର୍ଶନ କାର୍ଯ୍ୟକ୍ରମ, ୟୁଟ୍ୟୁଭ ଲାଇଭ କାର୍ଯ୍ୟକ୍ରମରେ ଯୋଗଦେଇ ଓଡିଶାର ଅଗଣିତ ବିଦ୍ୟାର୍ଥୀ ମହଲରେ ପ୍ରଶଂସିତ ହୋଇଥିଲେ ।

ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ

କନ୍ଧମାଳ, ୧୯/୧୧ (ନି.ପ୍ର): ଖରିଫ୍ ବର୍ଷ- ୨୦୨୨-୨୩ ପାଇଁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲ୍ଲାପାଳ ପାଟିଲ୍ ଆଶିଷ ଇଶ୍ୱରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯେଉଁ ମଣ୍ଡିଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଅଧାରେ ପଡ଼ିରହିଛି ସେଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ସଂପୃକ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ କୁହାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ। ମଣ୍ଡି ଗୃହ ଗୁଡ଼ିକୁ ଏଭଳି ଭାବରେ ତିଆରି କରିବା ଦରକାର ଯେପରିକ ଧାନ କିଣା ପରେ ପରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ର ମା' ମାନଙ୍କ କାମରେ ଲାଗିପାରିବ। ଯଦି ଆବଶ୍ୟକ ପଡ଼େ ତେବେ ଅତିରିକ୍ତ ମିଲର୍ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ମାନ୍ୟବର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଗତବର୍ଷ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ ଧାନ କ୍ରୟ କରାଯାଇଥିଲେ ବି କେତେଗୁଡ଼ିଏ ଚାଷୀଙ୍କର ଧାନ ବିକ୍ରୟ ହୋଇପାରି ନାହିଁ। ସେଥିପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ମାନ୍ୟବର ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର କହିଲେ ଗତଥର ଚାଷୀମାନଙ୍କର ବିଶେଷକରି ଲଣ୍ଡାଗାଁ ଚାଷୀମାନଙ୍କର ଧାନ ବିକ୍ରୟ ନ ହୋଇ ରହିଯାଇଛି। ତେଣୁ ଜିଲ୍ଲାରେ ଆଉ ଜଣେ ମିଲର୍‌ଙ୍କର ଆବଶ୍ୟକତା ରହିଛି। ଲଣ୍ଡାଗାଁରେ ରବି ଫସଲ ପାଇଁ ମଣ୍ଡି ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ କହିଥିଲେ। ବେସାମରିକ ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ ଚଳିତ ବର୍ଷର ଧାନ କ୍ରୟ ପାଇଁ ସରକାରଙ୍କ ଯୋଜନା ସବୁ କ'ଣ ରହିଛି ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ କେଉଁ କେଉଁ ବ୍ୟବସ୍ଥା କରିଛି ସେ ବିଷୟରେ ବୈଠକରେ ସୂଚନା ଦେଇଥିଲେ। ସେ କହିଲେ ଧାନ କ୍ରୟରେ ଅସୁବିଧା ନ ହେବା ପାଇଁ ନୋଡାଲ ଅଫିସର ନିଯୁକ୍ତି ହେବା ସହିତ ଜିଲ୍ଲା ବେସାମରିକ ଯୋଗାଣ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଅଧିକ ମଣ୍ଡି ବ୍ୟାବସ୍ଥା କରିବା ପାଇଁ ଚାଷୀମାନେ ଆବେଦନ କଲେ ତାହା କୃଷି ବିଭାଗକୁ ଜଣାଇଦିଆଯିବ। ସେହିପରି ଟୋକନ୍‌ଗୁଡ଼ିକୁ ପ୍ରଦର୍ଶନ କରାଯିବା ସହିତ ଫାର୍ମର କମିଟିକୁ ଜଣାଇଦିଆଯିବ। ବିକ୍ରୟ ପାଇଁ ଅସିଥିବା ଧାନକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ବ୍ୟବସ୍ଥା କରାଯିବ। ଗତବର୍ଷ ୩ ହଜାର ୯୧୧ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଚଳିତ ବର୍ଷ ୪ହଜାର ୩୩୩ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ସମସ୍ତଙ୍କ ନିଷ୍ପତିକ୍ରମେ ଚଳିତ ବର୍ଷ ତା ୨୦.୧୨.୨୦୨୨ ରିଖରୁ ବାଲିଗୁଡ଼ା ଉପଖଣ୍ଡରୁ ଧାନ କ୍ରୟ କରିବା ଅରମ୍ଭ ହେବ ବୋଲି ସ୍ଥିର କରାଗଲା। ସେହିପରି ତା ୨୭.୧୨.୨୦୨୨ ରିଖରୁ ଫୁଲବାଣୀ ଉପଖଣ୍ଡରୁ ଧାନ କ୍ରୟ ଆରମ୍ଭ କରାଯିବ ବୋଲି ସ୍ଥିର କରାଗଲା। ଉକ୍ତ ବୈଠକରେ ମାନନୀୟା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, କନ୍ଧମାଳ ଉପ ଜିଲ୍ଲାପାଳ ଶେଷଦେବ ମିଶ୍ରଙ୍କ ସମେତ ଫାର୍ମର ପ୍ରତିନିଧି, ମିଲର୍, ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ସମ୍ପାଦକ, ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆକୃଷ୍ଟ କରୁଛି ଓଡ଼ିଶା ପାଭିଲିୟନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯/୧୧ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନରେ ଆୟୋଜିତ ହେଉଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆଜି ପଂଚମ ଦିବସରେ ପହଂଚିଛି। ଏହି ମେଳାର ଓଡ଼ିଶା ପାଭିଲିୟନରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ସହଯୋଗୀ ସଂସ୍ଥାଙ୍କ ୨୪ଟି ଷ୍ଟଲ ସ୍ଥାନ ପାଇଛି। ଉତ୍କଳୀୟ କଳା, ସଂସ୍କୃତିକୁ ନେଇ ନିର୍ମିତ ଓଡ଼ିଶା ପାଭିଲିୟନ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବାବେଳେ ଏଥିରେ ଦେଶବିଦେଶର ଗ୍ରାହକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ଓଡ଼ିଶା ପାଭିଲିୟନରେ ମିଶନ ଶକ୍ତି, ଓରମାସ, ଷ୍ଟାର୍ଟ-ଅପ ଓଡ଼ିଶା, କୃଷି ଓ କୃଷକ ସଶକ୍ତିକରଣ, ଟିଡିସିସି, ଉତ୍କଳିକା,ବୟନିକା, ଏମ୍‌ଏସ୍‌ଏମ୍‌ଇ ଓ ସେରିଫେଡର ଷ୍ଟଲମାନ ଖୋଲିଛି। ଷ୍ଟଲମାନଙ୍କରେ ବିକ୍ରି ହେଉଥିବା ଓଡିଶାର ଉନ୍ନତ ମାନର ହସ୍ତତନ୍ତ, ହସ୍ତକଳା, କୋରାପୁଟ କଫି, କନ୍ଧମାଳର ଅଦା, ହଳଦୀ, ପଟ୍ଟଚିତ୍ର, ଗୋଲ୍ଡେନ୍ ଗ୍ରାସ ନିର୍ମିତ ସାମଗ୍ରୀ ସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଓରମାସ ଦ୍ୱାରା ପ୍ରସ୍ତୁତ ବିବିଧ ସାମଗ୍ରୀ ଗ୍ରାହକମାନଙ୍କୁ ଆକୃଷ୍ଟ କରୁଛି। ପାଭିଲିୟନର ସୃଜନାତ୍ମକ ସାଜସଜ୍ଜାକୁ ଦର୍ଶକମାନେ ଅଧିକ ମାତ୍ରାରେ ପସନ୍ଦ କରୁଛନ୍ତି। ଆଜି ଏହି ବାଣିଜ୍ୟ ମେଳାର ଆୟୋଜକ ଆଇ.ଟି.ପି.ଓ.ର ବିଚାରକ ମଣ୍ଡଳୀର ସଦସ୍ୟମାନେ ଓଡିଶା ପାଭିଲିୟନକୁ ବୁଲି ଦେଖିଥିଲେ ଏବଂ ଏହାର ପରିକଳ୍ପନା, ସାଜସଜ୍ଜା, ପରିଷ୍କାରପରିଚ୍ଛନ୍ନତା ଏବଂ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ ବିଶ୍ୱବଜାରରେ ପହଂଚାଇବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ଅନୁରୂପ ଭାବେ ଆଜି ପାଭିଲିୟନକୁ ଆସିଥିବା ବରିଷ୍ଠ ଆଇଏଏସ ଅଧିକାରୀ ତଥା ଜାତୀୟ ନିଯୁକ୍ତି ସଂସ୍ଥାର ସଚିବ ସଞ୍ଜୀବ ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହାର ତାରିଫ କରିଥିଲେ। ଗତ ନଭେମ୍ବର ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ମେଳା ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ବ୍ୟବସାୟୀ ଓ ବ୍ୟବସାୟିକ ସଂସ୍ଥାର ଗ୍ରାହକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ନଭେମ୍ବର ୧୯ରୁ ୨୭ତାରିଖ ପର୍ଯ୍ୟନ୍ତ ଏହା ସାଧାରଣ ଗ୍ରାହକମାନଙ୍କ ପାଇଁ ଖୋଲା ରହିବ । ସେହିପରି ଆସନ୍ତା ନଭେମ୍ବର ୨୪ ତାରିଖ ଦିନ ଓଡିଶା ରାଜ୍ୟ ଦିବସ ପାଳନ କରାଯିବ। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ପକ୍ଷରୁ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

କୃଷକ କଲ୍ୟାଣ ମଂଚ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, ୧୯/୧୧ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଜିଲାପାଳଙ୍କୁ ୧୪ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ମଂଚର ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି କୋରାପୁଟ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଙ୍କୁ ପ୍ରଦାନ କରିଛନ୍ତି । କୋରାପୁଟ ଜିଲା କୃଷକ ମାନଙ୍କ ତରଫରୁ ଖରିଫ ମଣ୍ଡିର କିଛି ସମସ୍ୟା ନେଇ ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି । ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ମଣ୍ଡି ଖୋଲା ଗଲେ ଛୋଟ ଓ ନାମ ମାତ୍ର ଚାଷୀ ଉପକୃତ ହୁଅନ୍ତେ, ମଣ୍ଡିରେ ଏକର ପିଛା ଜଳସେଚିତ ଜମିରେ ୨୫ କ୍ୱିଂଟାଲ ଓ ଅଣ ଜଳ ସେଚିତ ଜମିରେ ୨୦ କ୍ୱିଂଟାଲ ଧାନ କ୍ରୟ କରାଯାଉ, ଏଫ.ଓ.କ୍ୟୁ ନାମରେ ୫ରୁ ୧୫ କେଜି ଧାନ କାଟିବା ବନ୍ଦ କରାଯିବା ସହିତ ଖାଲି ଅଖା ଓ ହ୍ୟାଣ୍ଡଲିଂ ଚାର୍ଜ ଚାଷୀଙ୍କୁ ପ୍ରଦାନ କରାଯାଉ, ଧାନ କ୍ରୟ କ୍ଷେତ୍ରରେ ଧାନ ଓଜନ କରି ଚାଷୀଙ୍କୁ ଭେଣ୍ଡର ରସିଦ ଦିଆଯିବା ସହିତ ସେହି ଦିନ ହିଁ ଧାନ ଉଠା ଯିବାର ବ୍ୟବସ୍ଥା କରାଯାଉ, ଆଜକୁ ଦୀର୍ଘ ୩୫ ବର୍ଷ ହେବ ମଣ୍ଡି ଭିତି ଭୁମିର ଉନ୍ନତି ସକାଶେ ସଙ୍ଗଠନ ଦାବି କରି ଆସୁଥିଲେ ମଧ୍ୟ ଆରଏମସି ସେମିତି ଆଖିଦୃଶିଆ କାଯ୍ୟ କରି ନାହିଁ । ତେଣୁ ମଣ୍ଡି ଭିତି ଭୁମିର ଉନ୍ନତି କରାଯାଉ, ଧାନମଣ୍ଡି ଗୁଡିକରେ ନକଲି , ଭୁତ ଚାଷି, ପି- ପାସ୍ ସହଯୋଗରେ ଧାନ ବିକ୍ରୟ କରୁଥିବା ବେଳେ ପ୍ରକୃତ ଚାଷୀ ଧାନ ବିକ୍ରୀ କରି ନପାରି ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି । ଏଣୁ ନକଲି ଚାଷି ପଞ୍ଜିକରଣ ପଛରେ କାହାର ହାତ ରହିଛି ତାହାକୁ ଚିହ୍ନଟ କରି ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଆଦି ଦାବି କରାଯାଇଛି ।ଏହି ଦାବି ପତ୍ରର ନକଲ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତି କରଣ ବିଭାଗ ମନ୍ତ୍ରୀ, କୋରାପୁଟ ଓ ନବରଙ୍ଗପୁର ସାସଂଦ ପ୍ରମୁଖଙ୍କୁ ପ୍ରେରଣ କରାଯାଇଛି ।

ଚଳିତ ମାସ ୨୩ ଓ ୨୪ରେ କ୍ଷୁଦ୍ର ନିଯୁକ୍ତି ମେଳା

ପୁରୀ, ୧୯/୧୧ (ନି.ପ୍ର): ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଚଳିତ ମାସ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶ କ୍ରମେ ଏହି ନିଯୁକ୍ତି ମେଳା ୨୩ ତାରିଖରେ ପୁରୀ ସରକାରୀ ଆଇଟିଆଇ ପରିସରରେ ଓ ୨୪ ତାରିଖରେ ପିପିଲି କଲେଜ ଠାରେ ପୂର୍ବାହ୍ନ ୯ଟା ସମୟରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୨୨ ଟି ବେସରକାରୀ ସଂସ୍ଥାର ନିଯୁକ୍ତି ଦାତା ମାନେ ଯୋଗଦାନ କରି ଆଶାୟୀ କୁଶଳୀ ଓ ଅଣକୁଶଳୀ ପ୍ରାର୍ଥୀ ମାନଙ୍କୁ ଚୟନ କରିବେ । ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ୍ୟ ଯୋଗ ଦେବେ।ଏହି ସଂସ୍ଥା ମାନେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ।ନିଯୁକ୍ତି ମେଳାରେ ନିଯୁକ୍ତି ଆଶାୟୀ ପଂଚମ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ ପର୍ଯ୍ୟନ୍ତ ଏବଂ ଆଇଟିଆଇ, ଡିପ୍ଲୋମା ପାସ ଆଶାୟୀ ପ୍ରାର୍ଥୀ, ପ୍ରାର୍ଥିନି ମାନେ ଯେଉଁ ମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ସେମାନେ ଯୋଗଦେଇ ଏହାର ସୁଯୋଗ ନେବାପାଇଁ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କନିଷ୍ଠ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଆ ଓ ଜିଲ୍ଲା ନିୟୋଜନ ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ।

ସୁପରଭାଇଜର କ୍ୟାଡରର ପାହ୍ୟା ବୃଦ୍ଧି : ଜେନେରାଲ୍ ମ୍ୟାନେଜର, ପୂର୍ବ ତଟ ରେଳବାଇ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ପୂର୍ବତଟ ରେଳପଥର ମହା ପ୍ରବନ୍ଧକ ଶ୍ରୀ ଆର. ଏନ.ସୁନକର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି ଏବଂ ଭାରତୀୟ ରେଳବାଇର ସୁପରଭାଇଜର କ୍ୟାଡରର ବେତନ ସଂରଚନାର ପାହ୍ୟା ବୃଦ୍ଧି ବିଷୟରେ ନୀତିଗତ ନିଷ୍ପତି ବିଷୟରେ ସବିସ୍ତୃତ ବିବରଣୀ ଦେଇଛନ୍ତି। ମହା ପ୍ରବନ୍ଧକ କହିଛନ୍ତି ଯେ ଭାରତୀୟ ରେଳବାଇର ନିଷ୍ପତି ହେତୁ ପୂର୍ବ ତଟ ରେଳବାଇ ଅଧୀନରେ କାର୍ଯ୍ୟ କରୁଥିବା ୩୫୨୧ ସୁପରଭାଇଜର ଏହାର ଲାଭ ପାଇବେ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତୀୟ ରେଳବାଇରେ କାର୍ଯ୍ୟରତ ସୁପରଭାଇଜର କ୍ୟାଡରର ବେତନ ସଂରଚନାର ପାହ୍ୟା ବୃଦ୍ଧି ବିଷୟରେ ଘୋଷଣା କରିଛନ୍ତି। ଭାରତୀୟ ରେଳବାଇରେ କାର୍ଯ୍ୟରତ ବହୁ ସଂଖ୍ୟକ ସୁପରଭାଇଜରଙ୍କ ଏହା ବହୁ ଦିନ ଧରି ଦାବି ରହିଥିଲା ଜ୍ଞ ଭାରତୀୟ ରେଳରେ କାର୍ଯ୍ୟରତ ସୁପରଭାଇଜରଙ୍କ ମନୋବଳକୁ ବଢାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହି ନିଷ୍ପତି ଭାରତୀୟ ରେଳବାଇରେ କାର୍ଯ୍ୟରତ ପାଖାପାଖି ୮୦୦୦୦ ସୁପରଭାଇଜରଙ୍କୁ ଉପକୃତ କରିବ।

ଭାରତୀୟ ରେଳ ଏକ ବହୁ-ବିଭାଗୀୟ ଏବଂ ବହୁମୁଖୀ ସଂଗଠନ ଅଟେ । ଦେଶରେ ବ୍ୟାପିଥିବା ସମଗ୍ର ରେଳ ନେଟୱାର୍କର କାର୍ଯ୍ୟ କଳାପ ସୁଚାରୁ ରୂପରେ ପରିଚାଳିତ କରିବା ପାଇଁ ଏହି ସମସ୍ତ ବିଭାଗର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ବିଭାଗଗୁଡିକ ମଧ୍ୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ସୁପରଭାଇଜର କ୍ୟାଡରଗୁଡିକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି, ଯାହାକି ଭାରତୀୟ ରେଳବାଇର ସୁଗମ ଏବଂ ଉନ୍ନତ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ସମଗ୍ର ରେଳ ବ୍ୟବସ୍ଥାର ନିରାପତା ସୁନିଶ୍ଚିତ କରିଥାନ୍ତି।

ଭାରତୀୟ ରେଳବାଇରେ ସୁପରଭାଇଜର କ୍ୟାଡରରେ ମୁଖ୍ୟତ 'ଗ୍ରୁପ୍' ସି' ଲେଭଲ୍ -୬ (ପିବି-୨ / ଗ୍ରେଡ୍ ପେ -୪୨୦୦) ଗ୍ରେଡ୍ ରେ ନିଯୁକ୍ତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ପଦୋନ୍ନତିର ଉପଲବ୍ଧତା ନ ଥିବାରୁ ଏହି ମାନେ ତୀବ୍ର ସ୍ଥିରତା ମଧ୍ୟରେ ଗତି କରୁଛନ୍ତି। ଯେହେତୁ ଭାରତୀୟ ରେଳ ବର୍ତମାନ ବୈଷୟିକ ନବୀକରଣ ପ୍ରକ୍ରିୟା ଦେଇ ଗତି କରୁଛି ଏବଂ ଏହାର ସୁପରିଚାଳନା ପାଇଁ ଆବଶ୍ୟକ ଗୁଣାତ୍ମକ ମାନବ ସମ୍ବଳକୁ ଭାରତୀୟ ରେଳ ପ୍ରତି ଆକୃଷ୍ଟ କରିବା ପାଇଁ ପଦୋନ୍ନତିର ପର୍ଯ୍ୟାପ୍ତ ଉପାୟ ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି । ସୁପରଭାଇଜରୀ କ୍ୟାଡରରେ ଉନ୍ନତ ପ୍ରୋତ୍ସାହନମୂଳକ ଆଶା ସୁନିଶ୍ଚିତ କରିବା ଏବଂ ସୁପରଭାଇଜର ଗ୍ରେଡରେ ଗୁଣାତ୍ମକ ମାନବ ଶକ୍ତି ଆକର୍ଷିତ କରିବା ଦୃଷ୍ଟିକୋଣରୁ ଭାରତୀୟ ରେଳର ଏହି ନିଷ୍ପତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ଏହିସବୁ ବିଷୟକୁ ଧ୍ୟାନରେ ରଖି ଏବଂ ଭାରତୀୟ ରେଳବାଇର ସୁପରଭାଇଜର କ୍ୟାଡରମାନଙ୍କ ପାଇଁ କ୍ୟାରିୟର ପ୍ରଗତି ସୁନିଶ୍ଚିତ କରିବା ଏବଂ ସୁପରଭାଇଜର କ୍ୟାଡରକୁ ଗୁଣାତ୍ମକ ମାନବସମ୍ବଳ ଆକର୍ଷିତ କରିବା ହେତୁ ଭାରତୀୟ ରେଳବାଇ ସୁପରଭାଇଜର କ୍ୟାଡରର ୩୫୦୦୦ ପଦବୀ (୫୦%)ର ସ୍ତର - ୭ (ପିବି-୨/ ଜିପି ୪୬୦୦) ରୁ ସ୍ତର - ୮ (ପିବି-୨/ଜିପି-୪୮୦୦) କୁ ପାହ୍ୟା ବୃଦ୍ଧି; ଏବଂ ସ୍ତର - ୮ (ପିବି-୨/ ଜିପି-୪୮୦୦) ରେ ୪ ବର୍ଷ ସେବା ପରେଏହି ୩୫୦୦୦ ପୋଷ୍ଟର ସ୍ତର - ୮ (ପିବି-୨/ଜିପି ୪୬୦୦) ରୁ ସ୍ତର - ୯ (ପିବି-୨/ ଜିପି- ୫୪୦୦) କୁ ପାହ୍ୟା ବୃଦ୍ଧି ପାଇଁ ଭାରତୀୟ ରେଳ ଘୋଷଣା କରିଛି।

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ନଭେମ୍ବର, ୨୦୨୨
email : rabibarachayan2015@gmail.com

ରବିବାରଚୟନ

ପୃଷ୍ଠା ୩

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୯୯

(ପୂର୍ବ ପ୍ରକାଶିତ ଉତ୍ତାରୁ...)

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ହୃଦୟ ଭିତରୁ କୋହ ଉଠିଲା ଏବଂ ତତ୍‌କ୍ଷଣାତ୍ ଚକ୍ଷୁଦ୍ୱୟ ଅଶ୍ରୁସିକ୍ତ ହେଲା ଏବଂ କୋହ ଏତେ ପ୍ରବଳ ହେଲା ଯେ, ବାରମ୍ବାର ସମ୍ଭାଳିବାକୁ ଚେଷ୍ଟାକଲେ ମଧ୍ୟ ଧୈର୍ଯ୍ୟ ରହିଲା ନାହିଁ। କ୍ରନ୍ଦନ ଧ୍ୱନି ଶୁଣି ଶ୍ୟାମା ମଧ୍ୟ କାନ୍ଦିବାକୁ ଲାଗିଲା। ପ୍ରଭାକର ଧାଇଁ ଆସିଲା ଓ ସାନ୍ତନା ଦେବାକୁ ଚେଷ୍ଟାକଲା । ତୁଣ୍ଡକୁ କିଛି ଗଲା ନାହିଁ। ଯେତେବାର ଖାଇବାକୁ ଚେଷ୍ଟା କରୁଅଛି, ସେତିକି କୋହ ଉଠି ଧୈର୍ଯ୍ୟଚ୍ୟୁତି ଘଟୁଥାଏ। ଯେଉଁ ଶ୍ୟାମା ଆଜି ବିନା ଆହ୍ୱାନରେ ମୋ ଥାଳିରେ ଆସି ମାଡ଼ି ବସୁଥାନ୍ତା ଆଜି ସେ ଅନ୍ଧ ହୋଇ ପଡ଼ିଛି। ଡାକିଲେ ସୁଦ୍ଧା ଆସୁନାହିଁ। ଆସିବା ଶକ୍ତି ମଧ୍ୟ ତା'ର ନାହିଁ। ଧୈର୍ଯ୍ୟଚ୍ୟୁତି ସହିତ ନାନା ପ୍ରକାର ଦୁଶ୍ଚିନ୍ତା ମନରେ ଉଦିତ ହେବାକୁ ଲାଗିଲା। ଭାବିଲି, ସତେ କ'ଣ ଶ୍ୟାମା ଅନ୍ଧ ହୋଇଗଲା ? ତାକୁ ଭଗବାନ ଆଉ ଚକ୍ଷୁ ଦେବେ ନାହିଁ ? ଶ୍ୟାମା ଅନ୍ଧ ହୋଇଗଲେ ମୁଁ କଦାପି ପ୍ରାଣ ଧରି ରହିପାରିବି ନାହିଁ। ଏହିକ୍ଷଣି ସିନା ସେ ପିଲା। ଚକ୍ଷୁହୀନତାର କଷ୍ଟ ସେତେ ଅନୁଭବ କରିପାରିବ ନାହିଁ। ଯେତେବେଳେ ବଡ଼ ହେବ, ସମସ୍ତେ ତାକୁ ବର୍ଜନ କରିବେ। ବାବା ମା ଥିବାଯାଏ ଝିଅ ଝିଅ। ତାଙ୍କ ଅଭାବରେ ଭାଇମାନଙ୍କ ଯନ୍ତ୍ର ସେ ପାଇବ ନାହିଁ । ବାଡ଼ି ଧରି ତାକୁ ବାଟ କିଏ କଢ଼ାଇବ ? କିଏ ତାହାର ଯତ୍ନ କରିବ ? କିଏ ତାକୁ ଖାଇବାକୁ ଦେବ ? ଶ୍ୟାମା ମୋର କ'ଣ ଭିଖ ମାଗିବ ?

ଆଜି ତୋର ନିଃସହାୟ ଅବସ୍ଥା ଦେଖି ମୋର ହୃଦୟ ବିଦୀର୍ଣ୍ଣ ହୋଇଯାଉଅଛି। ଭାଇଭଉଣୀଙ୍କର ତୁ କେଡ଼େ ଆଦରର ! ତୋର ଲଳିତ କଣ୍ଠ ନିଃସୃତ ମଧୁମୟ ସଙ୍ଗୀତ ଶୁଣି କିଏ ତୋତେ ଆଦର ନ କରି ରହିଛି ? ଏହି ଭାବ କ୍ରମେ କ୍ରମେ ଚାଲିଯିବ ସିନା। ତାହା ସଙ୍ଗେ ତୁ ରହିବୁ ? ଯାହାର ଆଶ୍ରୟ ନେବାକୁ ଯିବୁ ସେ ତୋତେ ଅନାବଶ୍ୟକୀୟ ଭାର ବୋଲି ମନେ କରିବ। ନା ନା ନିତାନ୍ତ ଯଦି ଭଗବାନ ତୋତେ ଚକ୍ଷୁଦାନ ନ କରନ୍ତି, ତୋ ଭାଗ୍ୟକୁ ଯଦି ତୋତେ ଅନ୍ଧ ହୋଇ ରହିବାକୁ ହୁଏ, ମୁଁ ଯଦି ତୋର ଜୀବଦ୍ଦଶାରେ ଜୀବିତ ଥାଏ ତୋତେ ମୁଁ କାହାରି ଉପରେ ଭାର କରି ଛାଡ଼ିଦେବି ନାହିଁ। ତୁ ମୋର ଯେଉଁ ଶ୍ୟାମାକୁ ସେହି ଶ୍ୟାମା, ମୋର ହୃଦୟର ସର୍ବସ୍ୱ। ନା, ଯଦି ମୋର ମୃତ୍ୟୁ ପରେ ତୁ ରହିଲୁ, ଦୁଇ ପୁଅ – ଦୁଖୁ, ଫକୀର ଜାଣିରଖ, ମୋର ତ୍ୟକ୍ତ ସମ୍ପତ୍ତିରେ ଶ୍ୟାମାର ଏକ ଅଂଶ, ଅର୍ଥାତ୍ ଲରପଙ୍ଗ ଗ୍ରାମର ଭୂମି ଓ ସମ୍ବଲପୁରରେ ଗୃହ ସମ୍ପତ୍ତିର ତୃତୀୟାଂଶ ତାହାର ଭରଣପୋଷଣ ସକାଶେ ରହିଲା। ତାକୁ ଯେ ଭରଣପୋଷଣ ତଥା ଯତ୍ନ କରିବ ତାହା ସହିତ ଏହି ଅଂଶ ସେ ଭୋଗ କରିବ। ଏହା ମୋର ଚରମ କାମନା।

ନିତ୍ୟାନ୍ତ ଅଧୀର ହୋଇ, ଥଳକୂଳ ନ ପାଇ ଶ୍ରୀମାନ ରାଧାନାଥଙ୍କୁ ଡାକି ଆଣିବା ପାଇଁ ପ୍ରଭାକରକୁ ପଠାଇଲି। ରାଧାନାଥଙ୍କ ସହିତ ଏହି ବା କେତେ ଦିନର ପରିଚୟ । ନିକଟବର୍ତ୍ତୀ ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲରେ ରହୁଥିଲେ। ମୋର ଏହି ବିପଦ ସମୟରେ ତାଙ୍କ ସଙ୍ଗେରେ ଟିକିଏ ବସି, ତାଙ୍କ ଆଶ୍ୱାସନାପୂର୍ଣ୍ଣ କଥାବାର୍ତ୍ତାରେ କିଞ୍ଚିତ ଦୁଃସମୟ ଅତିବାହିତ ହୋଇଗଲା ।

ପାଟଣାରେ ଶ୍ୟାମା ଓ ସୁଷମାର ରୋଗଗ୍ରସ୍ତ ଜୀବନ ସମସ୍ତ ବ୍ୟବସ୍ଥା କରିଦେଇ ତା.୨୩.୭.୧୯୪୧ ରାତ୍ର ୧୦ଟା ବେଳେ ଦିଲ୍ଲୀ ଏକ୍ ?ସପ୍ରେସ୍ ?ରେ କଲିକତା ଯାତ୍ରାକଲି । ସଙ୍ଗେ ପାଟଣା ଇଞ୍ଜିନିୟରିଂ କଲେଜର ଛାତ୍ର ଅମ୍ବିକାପ୍ରସାଦ ନନ୍ଦଙ୍କୁ (ପଛେ ସୁଷମାର ଦେଢ଼ଶୁର) ନେଲି। ତାଙ୍କୁ ନେବା ଉଦ୍ଦେଶ୍ୟ, ସେ ତାଙ୍କ ମା'ଙ୍କ ଚିକିତ୍ସା ସକାଶେ କଲିକତାରେ ପ୍ରାୟ ତିନିମାସ କାଳ ରହିଥିଲେ, ସେହି ସମୟରେ କେତେକ ଡାକ୍ତରଙ୍କ ସହିତ ତାଙ୍କ ପରିଚୟ ହୋଇଥିଲା ଓ ଆଶା ହେଲା, ସେମାନଙ୍କ ସାହାଯ୍ୟରେ ଅବା ଶ୍ୟାମାର ଔଷଧ ମିଳି ପାରିବ ।

ତା.୨୪.୭.୧୯୪୧ ପୂର୍ବାହ୍ନ ୧୧ଟା ବେଳେ ଆମ୍ଭେମାନେ ହାଓଡ଼ା ଷ୍ଟେସନରେ ପହଞ୍ଚିଲୁ ଓ ସେଠାରେ ସ୍ନାନାହାରଦି ସମାପନ କରି କଲିକତା ଭିତରକୁ ଗଲୁ ଓ ହେରିସନ୍‌ରୋଡ଼ସ୍ଥ ଗୋଟିଏ ହୋଟେଲରେ ରହିଲୁ। ଜୋତାହଳକ ବାଟରେ ରେଲରେ ଚୋରି ହୋଇଗଲା । କଲିକତାକୁ ଯାଇ ଦେଖିଲି ଅନେକ ଜୋତା ଦୋକାନ ବନ୍ଦ । ନଗ୍ନ ପଦରେ ଅପରାହ୍ନ ପ୍ରାୟ ୨ଟା ବେଳେ ଔଷଧ ଅନ୍ୱେଷଣାର୍ଥେ ମୁଁ ଓ ଅମ୍ବିକା ବାହାରିଲୁ । ଡାକ୍ତର ଦୁଖନରାମ କହି ଦେଇଥିଲେ, ଔଷଧ ହୁଏତ କୌଣସି ଦୋକାନରେ ମିଳିବ ନାହିଁ। କୌଣସି ଚକ୍ଷୁରୋଗ ଚିକିତ୍ସକଙ୍କ ଅଥବା ବେୟର କମ୍ପାନୀର (**Bayer & Co**) ଥିବା ଜର୍ମାନୀରେ ପ୍ରସ୍ତୁତ ଜିନିଷଗୁଡ଼ିକ ଭାରତ ସରକାର ସ୍ୱାଧାକାରରେ ଗ୍ରହଣକରି **controller of enemy properties** ନାମକ ଅଫିସରଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ ଜିନିଷର ଭାର ଅର୍ପଣ କରିଥିଲେ। ସୁତରାଂ ଏହାଙ୍କଠାରୁ ଗଲେ ଏହି ଔଷଧର ସନ୍ଧାନ ମିଳି ପାରିବ । ଏହି ବିଶ୍ୱାସରେ ପ୍ରଥମରେ ଏହି ଅଫିସର ସନ୍ଧାନରେ ଆମେ ବାହାରିଲୁ । ଏହି ଔଷଧ ବିଷୟ ପ୍ରତି ଏତେ ତନ୍ମୟ ହୋଇଯାଇଥିଲେ ଯେ ଚାଲିବା ବାଟରେ ଯେ ଏହାର ସନ୍ଧାନ ଦେଇପାରିବ ବୋଲି ମନେ କଲି ତାକୁ ଔଷଧ ଓ **Controller**ଙ୍କ ଅଫିସ ନାମ ଦେଖି ସେମାନଙ୍କ ଠାରେ ଅନୁସନ୍ଧାନ କରି କରି ପ୍ରାୟ ଅର୍ଦ୍ଧରାତ୍ରି ହୋଇଗଲା। ତଥାପି ଔଷଧର ସନ୍ଧାନ ମିଳିଲା ନାହିଁ ।

୨୫ ତାରିଖ – କାଳରାତ୍ରି ପ୍ରଭାତ ହେଲା । ପ୍ରାତଃକୃତ୍ୟାଦି ସମାପନ କରି ପୁଣି ଅମ୍ବିକାକୁ ନେଇ ବାହାରିଲି ଓ ପୂର୍ବଦିନ ପରି ଚାଲିବା ବାଟରେ ଔଷଧ ଦୋକାନରେ ଚାଲି ଗୋଡ଼ରେ ଗୋଟା କେତେ ଫୋଟକା ମଧ୍ୟ ହୋଇଗଲାଣି। ଜନତା ମଧ୍ୟରେ ଚାଲି ଏକମାତ୍ର ଲକ୍ଷ୍ୟଥାଏ କିପରି ଔଷଧ ମିଳିବ। ଏହି ପ୍ରକାରେ ଦିନଯାକ ନିଷ୍ଫଳ ଅନୁସନ୍ଧାନ କରି କରି ହୋଟେଲକୁ ଫେରିଆସିଲି। ତୃତୀୟ ଦିନ (୨୬ ତାରିଖ) ସୁଦ୍ଧା ବୁଲି ବୁଲି ଅପରାହ୍ନରେ ଆମ୍ଭେମାନେ **Central avenue**ରେ ପହଞ୍ଚିଲୁ। ସେଠାରେ ଜଣେ ଭଦ୍ରଲୋକଙ୍କୁ ପଚାରି ବୁଝିଲି ଯେ ଔଷଧର ସନ୍ଧାନ **controller of enemy properties**ଙ୍କ ଦପ୍ତରରେ ମିଳିବ ନାହିଁ, **controller of prices**ଙ୍କ ପାଖରେ ମିଳିବ ଏବଂ ଏହାଙ୍କ ଦପ୍ତର ନା ୫ର କ୍ଲାଇଡ୍ ଷ୍ଟ୍ରିଟ୍‌ରେ ଅଛି। ଖୋଜି ଖୋଜି କ୍ଲାଇନ୍‌ଷ୍ଟ୍ରିଟ୍ ଭିତରକୁ ଗଲି ଓ ନା୮୫ର ଗୃହ ସମ୍ମୁଖରେ ଉପସ୍ଥିତ ହେଲି। ଏହା ଏକ ବହୁତଳ ବିଶିଷ୍ଟ ବିଶାଳ ଅଟ୍ଟାଳିକା। ଫାଟକ ସମ୍ମୁଖରେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି, ଛାଡ଼ ବିନା ଭିତରକୁ ପ୍ରବେଶ ନିଷେଧ। ଛାଡ଼ ପାଇବି କେଉଁଠାରୁ ? ମୋ ପକ୍ଷରେ ଏହା ପାଇବା ଅସମ୍ଭବ । ମୁଁ ସାହେବି ପୋଷାକ ପିନ୍ଧିଥାଏ, ଫାଟକ ସମ୍ମୁଖରେ ଠିଆ ହୋଇଥିବା ସମୟରେ ଚପରାସୀ ପୋଷାକଧାରୀ ଦୁଇଜଣ ଲୋକେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେଇ ଆସୁଥିବା ଦେଖି ଓଡ଼ିଆ ଭାଷାରେ ସେମାନଙ୍କୁ ପଚାରିଲି '**controller of prices**"ଙ୍କ ଅଫିସ କେଉଁଠାରେ ?' ମୋ ମୁହଁରୁ ଓଡ଼ିଆ ଭାଷା ଶୁଣି ଦୁହେଁ ମୋତେ ନମସ୍କାର କଲେ। ମୋର ପରିଚୟ ପଚାରିଲେ ଓ ମୁଁ ସଂକ୍ଷେପରେ ଜଣାଇ ଦେଲାରୁ ମୋତେ ଅଫିସ ଦେଖାଇଦେବେ ବୋଲି ସାଗ୍ରହରେ ଗୋଟିଏ ଗଳି ପଥ ଦେଇ ନେଇଗଲେ ଓ ଗୋଟିଏ ବୈଦ୍ୟୁତିକ ଆରୋହଣୀ (**electric lift**) ପାଖରେ ଛିଡ଼ା କରାଇଦେଲେ। ଆରୋହଣୀ ଚାଳକ (**lift man**) ମଧ୍ୟ ଜଣେ ଓଡ଼ିଆ। ମୋତେ ଦେଖିଲା ମାତ୍ରକେ ନମସ୍କାର କଲା ଓ ତାହାର ପରିଚିତ ବ୍ୟକ୍ତି ତୁଲ୍ୟ କଥାବାର୍ତ୍ତା ଆରମ୍ଭ କଲା। ପରେ କହିଲା, ତାହାର ଘର ପୁରୀ ଜିଲ୍ଲାରେ। ମୁଁ ୧୯୩୪ ସାଲରେ ପୁରୀରେ ଥିବା ସମୟରେ ଗୋଟିଏ ମୋକଦ୍ଦମା ତାହା ସପକ୍ଷରେ ନିଷ୍ପତ୍ତି କରିଥିଲି। ସେଥିପାଇଁ ମୋ ପ୍ରତି ସେ କୃତଜ୍ଞ। ମୋର ଆସିଥିବା ଉଦ୍ଦେଶ୍ୟ ଅବଗତ ହୋଇ ମୋତେ ଓ ଅମ୍ବିକାକୁ ଆରୋହଣୀରେ ଠିଆ ହେବାକୁ କହିଲା। ଠିଆହେବା ମାତ୍ରକେ ଆରୋହଣୀ ଧୀରେ ଧୀରେ ଉପରକୁ ଉଠିଲା ଓ ଅଫିସଁ ଥିବା ତଳରେ ନେଇ ଆମ୍ଭମାନଙ୍କୁ ଓହ୍ଲାଇ ଦେଲା। ସେଠାରେ ବୁଲି ଆମ୍ଭେମାନେ ଅଫିସଘର ଠଉରାଇ ନେଲୁ। ସେତେବେଳେ ସନ୍ଧ୍ୟା ୫ଟା ହୋଇଯାଇଥିଲା। ଅଫିସରେ କେହି ନଥିଲେ। କାଲି ଆସି କଣ୍ଟ୍ରୋଲରଙ୍କ ସଙ୍ଗେ ସାକ୍ଷାତ କରିବା ସ୍ଥିର କରି ଆମ୍ଭେମାନେ ସେଠାରୁ ଅବତରଣ କଲୁ । (କ୍ରମଶଃ)

ଆ ଲୋ ଚ ନା

ବିଶ୍ୱ କବିତାକୁ ବଦଳାଇ ଦେଇଥିବା ସେଇ ଫରାସୀ କବି କେତେଜଣ

ନକୁଳ ଚନ୍ଦ୍ର ସାହୁ

ସମୟର ତରଙ୍ଗରେ ଗଣିତର ସବୁ ସିଷ୍ଟମ ପୋଛି ହୋଇଯାଇଛି । କବିତା ପୃଥିବୀ ଉପରେ ପର୍ବତ ପରି ଗଦା ହୋଇ ରହୁଚି । ତା' ଆଙ୍ଗିକ ଛାତି-ଭିତରେ ମଣିଷ ଜାତିର ତତଲା ନିଶ୍ୱାସ ପ୍ରଶ୍ୱାସ ମହଜୁଦ୍ ହୋଇ ରହିଛି । ସବୁ ଜିନିଷ ତା' ପାଖରେ ବାମନ ହୋଇ ଯାଉଛି ।

ସେଇ କବିତାକୁ ତ୍ୟାଗ କରିପାରିବ କେହି ? ସେଇ ପର୍ବତ ଯେ ତିଆରି କରିଛି ଏଇ ସଂସାରକୁ ? ଏଇ ସଂସାର (Religious) ଅଧ୍ୟାତ୍ମିକ; ଆଧ୍ୟାତ୍ମିକ ନୁହେଁ, ସ୍ୱର୍ଗ ! ସ୍ୱର୍ଗ ଏକ କଳ୍ପନା ମାତ୍ର ! କାଳ୍ପନିକ ବିଳାସର କ୍ଷେତ୍ର । ସେଠି ନ ଥାଏ ମଣିଷର ଚିନ୍ତା, ଶ୍ରମ ଓ ପ୍ରେମ !

ବୋଦ୍‌ଲେୟାର (Pierre Charles Baudelaire, ୧୮୨୧-୬୭)

ଗଦ୍ୟ କବିତା ପାଇଁ ବୋଦ୍‌ଲେୟାର ସର୍ବାଧିକ ଚର୍ଚ୍ଚିତ । ଗଦ୍ୟଶୈଳୀ କବିତାର ଆରମ୍ଭ ତାଙ୍କରି ଠାରୁ, ଧ୍ୱନିମୟ ଗଦ୍ୟ ଓ ଛଂଦ ନିୟମ ଭିତରେ ବଂଚିବାର ଅନୁଭବକୁ ସିଏ ଉପସ୍ଥାପିତ କରିଛନ୍ତି ନିବିଡ଼ ଭାବେ । ତାଙ୍କ ରଚନା ଶୈଳୀ ସଂପର୍କରେ ହର ପ୍ରସାଦ ଦାସ ଲେଖିଛନ୍ତି ନିଜ ପ୍ରବଂଧରେ: ଗଦ୍ୟର ପୋଷାକ ପିନ୍ଧି ମାତାଲ ଧାଡ଼ି କେତୋଟି ଯଦି ହଠାତ୍ ରାସ୍ତାରେ ଆସି ଠିଆ ହୁଅନ୍ତି, ତାଙ୍କୁ ଆମେ କୋଳେଇ ନେବା ନା ଦୂରେଇ ଦେବା ? କୋଳେଇ ନେଲେ ସେମାନେ କବିତା ହୋଇଯିବେ, ମାତାଲ ଭଙ୍ଗା ସ୍ୱରରୁ ସତ୍ୟର ବାଣୀ ଶୁଭିବ, ଦୂରେଇ ଦେଲେ ସେମାନେ ଆଉ ଦିଶିବେ ନାହିଁ ।

୧୮୫୭ ମସିହା, ବୋଦ୍‌ଲେୟାରଙ୍କ ସୃଷ୍ଟିର ପ୍ରଥମ ସକାଳ 'Les Fleuas du mal' ଯାହାକୁ ଆମ ଶବ୍ଦରେ କୁହାଯାଇଛି 'ପାପର ପୁଷ୍ପ' । ହରପ୍ରସାଦ ଦାସ ଏହାକୁ ଭାଷାନ୍ତରିତ କରିଛନ୍ତି 'ଅପପୁଷ୍ପ ।' ଏହି କବିତା ସଂକଳନରେ ରହିଛି ଗୋଟିଏ ଚତୁର୍ଦ୍ଦଶ ପଦୀ କବିତା, ଯାହା ପ୍ରତୀକବାଦର ମୂଳମଂତ୍ର ରୂପେ ସ୍ୱୀକୃତ । ସେହି କବିତାଟିର ଶୀର୍ଷକ 'ଉକ୍ଟକ୍ସ-କ୍ସରମ୍ବକ୍ସକ୍ଟଭୟରଭମରମ୍ବ' । ପ୍ରତୀକ ଆଂଦୋଳନକୁ ବୁଝାଇବାକୁ ସେହି କବିତାଟିର ପ୍ରଥମ ଭାରତୀୟ ଅନୁବାଦ କରିଥିଲେ ପ୍ରସିଦ୍ଧ ବଙ୍ଗଳା କବି ବୁଦ୍ଧଦେବ ବସୁ । ସେହି ଅନୁବାଦଟି ପାଠକ/ ପାଠିକାଙ୍କ ଅବଗତି ନିମନ୍ତେ କରାଗଲା ଉଦ୍ଧୃତ:

"ପ୍ରକୃତି ମଂଦିର ଏକ, ସ୍ତମ୍ଭରାଜି ପ୍ରାନେର କଂପନେ/ ମାଝେ ମାଝେ ଅସ୍ପଷ୍ଟ ପ୍ରଳାପେ ଦେୟେ ସଂକେତ ଗୁଡ଼ିଏ/ ସଖାନେ ମାନୁଷ ଆସେ ପ୍ରତୀକେର ଅରଣ୍ୟ ପେରିୟେ/ ଯେ ଅରଣ୍ୟ ଦ୍ୟାଖେ ତାରେ ଅନୁକ୍ଷଣ ଅଭ୍ୟସ୍ତ ନୟନେ/ ବହୁ ଭିନ୍ନ ପ୍ରତିଧ୍ୱନି-ଦୂରାଗତ, ଗଭୀର, ଅତ୍ୱର / ଅବଶେଷେ ଖୁଂଜେପାୟ ଅନ୍ଧକାର, ଗାଢ ସମତାନ / ନିଶୀଥେର ମତୋ ବ୍ୟାପ୍ତ ସ୍ୱଚ୍ଛତାର ମତୋ ମହୀୟାନ / ସେଇ ମତୋ ବର୍ଣ୍ଣେ, ଗନ୍ଧ, ପରସ୍ପର ଜାନାୟ ଉତ୍ତର ।"

ଡକ୍ଟର ପ୍ରସନ୍ନ କୁମାର ପଟ୍ଟନାୟକ ଉଲ୍ଲେଖ କରିଛନ୍ତି, ପ୍ରକୃତିକୁ ଏକ ସୀମାହୀନ ଦେବାଳୟ ରୂପେ ଦର୍ଶନ କରାଯାଇଛି । ବୃକ୍ଷ ସକଳ ଦୋଦୁଲ୍ୟମାନ ସ୍ତମ୍ଭ । 'ପ୍ରତୀକାରଣ୍ୟ' ମଧ୍ୟରେ ପବନ ପ୍ରବାହିତ ହେତୁ ବିଭ୍ରାନ୍ତ ଶବ୍ଦ ସମୁଚ୍ଚୟ ହେଉଥାନ୍ତି ଇତସ୍ତତଃ ନିଃଶ୍ୱସିତ ।

'ସୁଗନ୍ଧ ହେଉଛି ଶିଶୁତ୍ୱକ୍ ପରି ସତେଜ, ବଂଶୀ ସ୍ୱନପରି ମଧୁର ଓ ତୃଣଭୂମି ପରି ହରିତାଭ ।' ଇଂଦ୍ରିୟ ସଂବେଦ ବିବରଣୀରେ ଧାରଣ କରିଛି ଅସୀମ ବସ୍ତୁର ସଂପ୍ରସାରଣ । କବିତାର କାନଭାସରେ ଏକ ଭାବନା ବା ମାନସିକ ପଦାର୍ଥ ଗୋଟିଏ ଚିତ୍ରକଳ୍ପ ବା ପ୍ରତୀକ ରୂପେ ହୋଇପାରେ ପ୍ରକାଶିତ । ଦାର୍ଶନିକ ଇମାନୁଏଲ ସ୍ୱିଡେନବର୍ଗଙ୍କ ମତରେ ସଂସାରର ପ୍ରତ୍ୟେକ ପଦାର୍ଥ ଏକଏକ ପ୍ରତୀକ ଏବଂ ଏହି ପ୍ରତୀକମାନ ହିଁ ହେଉଛି ପ୍ରକୃତିର ଭାଷା । ଜଗତରେ ସମସ୍ତ ପାର୍ଥିବ ବସ୍ତୁସମୂହ ସ୍ଥିତିର ମୂଳରେ ରହିଛି 'ଆତ୍ମା' । ଆତ୍ମା-ଜଗତରେ ନିହିତ ମୂଳ ସଂପର୍କକୁ କେବଳ ପ୍ରତୀକ ମାଧ୍ୟମରେ ହିଁ ହେବ ବୁଝିହେବ ।

ବୋଦଲେୟାର ଥିଲେ ଦାର୍ଶନିକ ସ୍ୱିଡେନବର୍ଗଙ୍କ ଅସାମାନ୍ୟ ଭକ୍ତ । ବୋଦ୍‌ଲେୟାରଙ୍କ ଖଣ୍ଡିଏ ଉପନ୍ୟାସ "La Fanfarlo" ର ନାୟକ ସ୍ୱିଡେନବର୍ଗଙ୍କ ଖଣ୍ଡିଏ ପୁସ୍ତକ ମୁଣ୍ଡ ତଳେ ରଖି କରିଥାଏ ଶୟନ ।

'Literary criticism-A Short History' ପୁସ୍ତକରେ ଆଲୋଚକ Cleanth Brooks କରିଛନ୍ତି 'Correspondances'କବିତାଟିର ବ୍ୟାଖ୍ୟା: 'All nature is viewed as temple, a natural temple whose living pillars are the trees'. As the wind blows through these forest of symbols confused words are now and then breathed forth. The poet, because of his special endowment is able to apprehend these words, for in all things there is a symbolic sense and every object in nature has its speciaal connection with a spiritual realitty.'

ବାସ୍ତବିକତା ଓ ଆଧ୍ୟାତ୍ମିକତା, ଦୁଇ ସତ୍ତା ମଧ୍ୟରେ ପ୍ରତୀକ ସୁବର୍ଣ୍ଣ ସେତୁଟିଏ ହୋଇ ବିରାଜିତ । ବସ୍ତୁଜଗତ ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟର ପ୍ରତିବିମ୍ବ । ଉର୍ଦ୍ଧ୍ୱଲୋକର ସୌନ୍ଦର୍ଯ୍ୟକୁ ପାର୍ଥିବ ବିମ୍ବରେ କରେ ଉପସ୍ଥାପିତ । ଅପାର୍ଥିବ ସୌନ୍ଦର୍ଯ୍ୟର ଅବବୋଧ ସାଧନ ପାଇଁ ପାର୍ଥିବ ବସ୍ତୁ ଓ ଚିନ୍ତା ଅଭିନ୍ନ । ବୋଦ୍‌ଲେୟାର ରୟଶବକ୍ସ ଇକ୍ଷକ୍ଷବଭ ଚକ୍ଟରଙ୍କ ନିକଟରେ ପୋ'ଙ୍କ 'ଦି ପୋଏଟିକ୍ ପ୍ରିନ୍ସିପୁଲ୍' ପ୍ରବଂଧ ପାଇଁ ନିଶ୍ଚିନ୍ତ ଭାବେ ରଣୀ । ସିଏ ଦୁଇଟି ତତ୍ତ୍ୱ ତାଙ୍କ 'ଦି ବ୍ଲାକ୍‌କ୍ୟାଟ୍' କବିତାର ଫରାସୀ ଅନୁବାଦରୁ କରିଥିଲେ ହୃଦୟଙ୍ଗମ ।

୧) ଆତ୍ମାର ଉଦ୍‌ଗମନ କ୍ଷମତା ଦ୍ୱାରା ଆନଂଦ ହେଉଛି ଉତ୍ପତ୍ତି, କବିତାର ଶ୍ରେଷ୍ଠ ନିକଷ ।

୨) ବୋଧହୁଏ ସଂଗୀତରେ ହିଁ ଆତ୍ମା ଚରମ ଅବସ୍ଥା ପ୍ରାପ୍ତହୁଏ । କବିତା ସହିତ ସଂଗୀତର ସମିଶ୍ରଣରେ କାବ୍ୟିକ ଅଗ୍ରଗତିର କ୍ଷେତ୍ର ହୁଏ ପ୍ରଶସ୍ତ ।

ଏହି ଦୁଇ ଆଦର୍ଶଗତ ପରିଦୃଶ୍ୟମାନ ବିମ୍ବରେ ଅତୀନ୍ଦ୍ରିୟ ଜଗତରେ ସୌନ୍ଦର୍ଯ୍ୟ ଉପଲବ୍ଧି ଗଜଗ୍ନଗ୍ନସମ ଭାଷାରେ ବୋଦ୍‌ଲେୟାର ବାଢ଼ି ଦେଇଛନ୍ତି ।

ମାଲାର୍ମେ(Staphane Mallarme,୧୮୪୨-୯୮)

ମାଲାର୍ମେ ଫ୍ରାନ୍ସର ମଙ୍ଗଳବାରିଆ ସାହିତ୍ୟ ସଂସଦର ପ୍ରବକ୍ତା । ଅସ୍କାର ଓ୍ୟାଇଲ୍‌ଡ ଓ ଜର୍ଜ ମୁର୍ ପ୍ରଭୃତି ଅସଂଖ୍ୟ ବିଶ୍ୱବିଖ୍ୟାତ ସାହିତ୍ୟିକଙ୍କ ସହିତ ଏଠାରେ ତାଙ୍କର ସାକ୍ଷାତ ଘଟିଛି । ଜଣେ ଆଲୋଚକ ଲେଖିଛନ୍ତି, ମାଲାର୍ମେ ଯଶସ୍ୱୀ ଶିଳ୍ପୀ କିଂତୁ ଲୋକପ୍ରିୟ ନୁହନ୍ତି । ଅଧିକାଂଶ ଲୋକଙ୍କ ପାଇଁ ତାଙ୍କ କବିତା ଦୁର୍ବୋଧ । ତାଙ୍କର ସିଦ୍ଧି ସ୍ୱଳ୍ପ ଓ ସାଧନା ମନ୍ଥର । (କ୍ରମଶଃ)

'ଶବଦଘର', ଗୋଡ଼ିସାହି, କଟକ

ଆମ ସମୟର କବିତା.....

॥ ଅଲିଖିତ ॥

କାମଦେବ ମହାରଣା

ଲେଖା ହେବା ଆଗରୁ
ଫିଟିଗଲେ ଶବ୍ଦ ସବୁ
ଯେମିତି ଝଡ଼ ଆଗରୁ
ଡେଣା ସମ୍ଭାଳି ଉଡି ଯାଆନ୍ତି ପକ୍ଷୀକୂଳ
ଅବଶ୍ୟ ଝଡ଼ ହେବାର ନଥିଲା
ଲେଖା ଯାଇପାରିଥାନ୍ତା ଗୀତଟିଏ
ଯୋଡିଏ ସମାନ ସ୍ୱରର କଣ୍ଠ ପାଇଁ
ଅବଶ୍ୟ ସେ କଣ୍ଠ ସହିତ
ଯୋଡ଼ି ହୋଇଥିଲେ ଦୁଇଟି ଦେହ
ପଶ୍ଚିମ ଆଉ ପୂର୍ବର ।

ସେ ଯେଉଁ ଶବ୍ଦମାନେ
ଏକାଠି କରିଥିଲେ
ଆଲୁଅ ଅନ୍ଧାର
ଏମିତି ହଠାତ୍ ଭେଟିଥି

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୦ ନଭେମ୍ବର, ୨୦୨୨

ପୃଷ୍ଠା ୪ ରବିବାର ଚିନ୍ତନ ସାପ୍ତାହିକ କ୍ରୋଡ଼ପତ୍ର

ପ୍ରେମରେ ପ୍ରେମରେ ଗୀତି ....(୨୦)

॥ ଲେଖୁ ଲେଖୁ ଲେଖି ଦେଲି ॥

ଚଇତାଳି ଭାବି ତୁମକୁ ସଖୀ ମୁଁ
ଆଗୋ ଭଲ ପାଇଥିଲି,
କେମିତି ଜାଣିବି ତୁମେ ମୋ' ପ୍ରେମର
ଝଡ଼ର ସୂଚନା ବୋଲି ।

ଚଇତର ତୁମେ ଝରାପତ୍ର ପରି
କେଉଁ ବୃକ୍ଷ ଡାଳୁ ଛିଡ଼ି,
ଆସି ପଡ଼ିଥିଲ ମୋର ପାପୁଲିରେ
କେଉଁ ଦୂର ଡାଳୁ ଉଡ଼ି,
ସେଇ ଝରା ପତ୍ରେ ତୁମ ମୋ' ନାଆଁ
ଲେଖୁଲେଖୁ ଲେଖିଦେଲି ।

ପ୍ରଥମ ପ୍ରେମର ପ୍ରଥମ ସ୍ୱାକ୍ଷର
ରଖିନି ମୋ' ପରିଚୟ,
ହଜିଥିବା ସେଇ ପ୍ରେମରେ ମୋ' ଲେଖା
ଜୀବନର ପରାଜୟ,
ଝଡ଼ ପରେ ପରେ ନିରବତାକୁ ମୁଁ
ଆପଣାର କରିନେଲି ।

■ ବିପିନ ମହାନ୍ତି

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧



ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୮)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧

॥ ଯୁଗ ଚରିତ ବୃତ୍ତାନ୍ତର ସଂଳାପ (ଦ୍ୱିତୀୟ) ॥

ପୂର୍ବ ପ୍ରକାଶିତ ଉତ୍ତାରୁ)

ମୁଁ ପୂର୍ବରୁ ବହୁବାର କହି ସାରିଛି ଯେ, ଯୁଗଚରିତ ବୃତ୍ତାନ୍ତ ଏକ ବହୁବର୍ଣ୍ଣ ତଥା ବିଭିନ୍ନତା ପରିପୂର୍ଣ୍ଣ ନାଟକ ଏବଂ ନାଟକ ସଂଳାପ ଉପରେ ପ୍ରାୟତଃ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ, ତେଣୁ ଏହାର ସଂଳାପରେ ବିଭିନ୍ନତା ଆସିବା ସ୍ୱାଭାବିକ ପୂର୍ବରୁ ଆମେ ଅମିତ୍ରାକ୍ଷର ସଂଳାପ ସମ୍ବନ୍ଧରେ କହିଛୁ ଏଥର ଆସନ୍ତୁ ଦେଖିବା ମିତ୍ରାକ୍ଷର ସଂଳାପର ଦୃଷ୍ଟାନ୍ତ।

ବ୍ରାହ୍ମଣ: ହଇରେ ପ୍ରଧାନ
କୃଷକ: ଇଏ ହୋଇଲା କେମନ୍ତ ବିଧାନ
ବ୍ରାହ୍ମଣ: ରାଜା ରହିବେନି
କୃଷକ: ରାଣୀ ରହିବେନି
ଉଭୟେ: ହୋଇବ କେମନ୍ତ ଶାସନ ?
++++++
ବ୍ରାହ୍ମଣ: ପ୍ରଜା ହାତରେ ରାଜଦଣ୍ଡ
କୃଷକ: ପ୍ରଜା କ୍ଷମତା ପରଚଣ୍ଡ
ବ୍ରାହ୍ମଣ: ଏହାରି ନାମ ରାଜତନ୍ତ୍ର
କୃଷକ: ଯାକୁ କହନ୍ତି ପ୍ରଜାତନ୍ତ୍ର
+++++
ଉଭୟେ: ଗାନ୍ଧୀ ?
ଦୁର୍ଯ୍ୟୋଧନ: ଆମ ଜାତିର ପିତା
ବ୍ରାହ୍ମଣ: ଅହିଂସା ନୀତି ଆଚରିଲେ
କୃଷକ: ଶାନ୍ତିର ବାର୍ତ୍ତା ପ୍ରଚାରିଲେ
ବ୍ରାହ୍ମଣ: ବିଦେଶୀଟାକୁ ତଡ଼ିଦେଲେ

କୃଷକ: ଆମକୁ ଆମ ଦେଶ କଲେ
ବ୍ରାହ୍ମଣ: ସତେ କି ବିଷ୍ଣୁରୂପେ ଆସି
କୃଷକ: ଆମ୍ଭ ସଂଗତେ ଗଲେ ମିଶି
ବ୍ରାହ୍ମଣ: ମେଣ୍ଟାଇ ଦେଲେ ଆମ୍ଭ କଳି
କୃଷକ: ଆମ୍ଭେ ମାରିଲୁ ତାକୁ ଗୁଳି
ବ୍ରାହ୍ମଣ: ଆରେ ପ୍ରଧାନ
କୃଷକ: ପାରିଦିଅ ଏଠି ଆସନ
ବ୍ରାହ୍ମଣ: ଏଟା ତାର ରାଜଦାଣ୍ଡରେ
କୃଷକ: ଆମ ହାତେ ରାଜ ଦଣ୍ଡରେ
ବ୍ରାହ୍ମଣ: ଆମେ ପରଜା ଦଉଛୁ ଖଜଣା
କୃଷକ: ରହିଛୁ କି ଏଠି ମାଗଣା
ବ୍ରାହ୍ମଣ: ଆମ ଇଚ୍ଛାରେ ଚାଲିଛି ଶାସନ
କୃଷକ: ଆମ ଇଚ୍ଛାରେ ବୋଲିବୁ ବଚନ
ବ୍ରାହ୍ମଣ: ଆମ ଇଚ୍ଛାରେ କରିବୁ କରମ
କୃଷକ: ଆମ ଇଚ୍ଛାରେ ମାନିବୁ ଧରମ
ବ୍ରାହ୍ମଣ: ନିଜ ଦୋଷ ଦେଖି ଆଖିବୁଜି ଦେବୁ
କୃଷକ: ପର ଆଖିରେ ଆଙ୍ଗୁଳି ଗୁଂଜିଦବୁ
ବ୍ରାହ୍ମଣ: ମିଛ କହିବାଟା ଏଠି ରାଜନୀତି
କୃଷକ: ଯାକୁ ଗଣତନ୍ତ୍ର ପରା କହନ୍ତି
ବ୍ରାହ୍ମଣ: ଭଲା ଗଣତନ୍ତ୍ର ଭଲାରେ
କୃଷକ: ପରଜା ହାତରେ ଭାଲୁ ଲାଂଜ ଦେଇ
ବ୍ରାହ୍ମଣ: ପରଜା ମୁଣ୍ଡରେ ଅଠା ବୋଳିଦେଇ
କୃଷକ: ରାଜା ଲଗାଇଲେ ପାଲାରେ
ବ୍ରାହ୍ମଣ: ପରଜା ବିଚରା ମଲାରେ

++++ +

ଏହିଭଳି ମିତ୍ରାକ୍ଷର ତଥା ଗୀତିଧର୍ମୀ ସଂଳାପରେ ପରିପୂର୍ଣ୍ଣ ଏ ନାଟକଟି । ଏମିତି ଆହୁରି ଅନେକ ପ୍ରକାର ଭେଦରେ ଏହାର ସଂଳାପ ସଂରଚନା କରାଯାଇ ନାଟକଟିକୁ ପ୍ରାୟ ସବୁ ଦିଗରୁ ସମୃଦ୍ଧ କରାଯାଇଛି ବୋଲି ମୋର ବିଶ୍ୱାସ । ଏମିତି ଉଦାହରଣ ଦେଲେ ସମଗ୍ର ନାଟକଟିର ସଂଳାପର ଆବଶ୍ୟକତା ପଡ଼ିବ। ଆଉ ଗୋଟିଏ ପ୍ରକାର ଧାଡ଼ିକିଆ ପ୍ରତୀକାତ୍ମକ ସଂଳାପର ଉଦାହରଣ ଦେଇ ଯୁଗଚରିତ ବୃତ୍ତାନ୍ତର ସଂଳାପ କଥା ସଂପନ୍ନ କରିବି । କଳିଯୁଗରେ ଜଣେ କୃଷକ କିପରି ମୁଣ୍ଡଝାଳ ତୁଣ୍ଡରେ ମାରି ଫସଲ ଉତ୍ପାଦନ କରିଛି, ସେଥିରେ ସେ ନିଜ ପାଇଁ କେତେ ରଖୁଛି ତାର ଏକ ଚିତ୍ର ଏଠାରେ ପ୍ରଦାନ କରୁଛି ।

(କୃଷକ ତାର ପତ୍ନୀ ସହିତ ମିଶି ଧାନକାଟି, ଅମଳ ବସ୍ତା କରି ରଖି ଦେଲା ବେଳକୁ ଜମିଦାର ପହଞ୍ଚନ୍ତି)
ଜମିଦାର: ଆରେ ପ୍ରଧାନ କଣ ଧାନ ପିଟା ସଇଲା ?
କୃଷକ: ଆଜ୍ଞା ସବୁକାମ ସାରି ଧାନ ମାପି ବସ୍ତା କରି ରଖି ଦେଇଛି
ଜମିଦାର: କିରେ କେତେ ବସ୍ତା ହେଲା ?
କୃଷକ: ପୁରା ଶହେ ବସ୍ତା
ଜମିଦାର: ଶହେବସ୍ତା ? ତାହେଲେ ହିସାବ ଅନୁଯାୟୀ-
କୃଷକ: ତମେ ଜମିଦାର ତମର ଅଧେ, ମୁଁ ଚାଷୀ ମୋର ଅଧେ
ଜମିଦାର: ବାସ୍ ତୋର ପଚାଶ ତ ମୋର ପଚାଶ ଆଉ ମୋ ସାର ବିହନ ବାବଦ-
କୃଷକ: ସେ ଲାଗି ନହେଲେ ଆଉ ଦଶବସ୍ତା ଦେବି ।
ଜମିଦାର: ଆଉ ବଳଦ ଲଂଗଳ ଶଗଡ଼, ଦାଆ କଟୁରୀ... ବାବଦ
କୃଷକ: ସେ ଲାଗି ନହେଲେ ଆଠବସ୍ତା
ମହାଜନ: ଆଉ ରହିଲା ବତିଶ ବସ୍ତା । ବତିଶର ଅଧା ଷୋହଳ ବସ୍ତା ମୋର ସୁଧ ବାବଦ
କର୍ମଚାରୀ: ଷୋହଳର ଅଧା ଆଠବସ୍ତା ରାଜସ୍ୱ ବାବଦକୁ ।
କୃଷକ: ଆଉ ଆଠବସ୍ତା
କର୍ମଚାରୀ: ତାର ଅଧା ଚାରିବସ୍ତା, ରାଜାଙ୍କ ଘର ଖର୍ଚ୍ଚ ବାବଦକୁ
କୃଷକ: ଆଉ ରହିଲା ଚାରିବସ୍ତା
ଜମିଦାର: ତାର ଅଧା ଦୁଇବସ୍ତା ମହାଶୟଙ୍କ ବଟୁଆଖର୍ଚ୍ଚକୁ
କୃଷକ: ଆଉ ଦୁଇବସ୍ତା..
ମହାଜନ: ତାର ଅଧା ଏକବସ୍ତା ଗାଁର ଧର୍ମ କର୍ମକୁ
କୃଷକ: ଆଉ ମାତ୍ର ଗୋଟିଏ ବସ୍ତା ଏହା ଜଣେ ଶୋଷିତ କୃଷକର ଚରିତ୍ର ଯିଏ ଲୁହ ଲହୁ ବୁହାଇ ଚାଷ କଲା ତା' ଭାଗ୍ୟକୁ ଗୋଟିଏ ବସ୍ତା । ଅର୍ଥାତ୍ ଶତକଡ଼ା ଏକ । ଏହାର ଠିକ୍ ପରବର୍ତ୍ତୀ ସମୟରେ କୃଷକକୁ ଛଳନାରେ ଉତ୍ସାହିତ କରିବାର ଘଟଣା ଆହୁରି ରୋଚକ ।
କୃଷକ: ଆଉ ମାତ୍ର ଗୋଟିଏ ବସ୍ତା...
ସମସ୍ତ: ତୁ ବ୍ୟସ୍ତ ହଅନା ଆମେ ଅଛୁ
ଜମିଦାର: ତୁ ଲଂଗଳ ଆଣ୍ଠ କରି ଧର
ମହାଜନ: ଋଣ ମୁଁ ଦେବି
କୃଷକ: ମୁଁ ବଂଚିବି କେମିତି ?
ସମସ୍ତେ ତୁ ପରା ଦେଶର ମେରୁଦଣ୍ଡ
କୃଷକ: ମୁଁ ଖାଇବି କଣ ?
ଜମିଦାର: ଆରେ ତୁ ପରା କୃଷିଜୀବୀ
ମହାଜନ: ଉପାସ ରହିବାତ ତୋ ଧର୍ମ
କର୍ମଚାରୀ: ଅତି ବେଶୀରେ ତୋରାଣି ମୁଆଏ ହେଲେ ତୋରି ଚଳିଯିବ
କୃଷକ: ମୁଁ ପିନ୍ଧିବି କଣ
ମହାଜନ: ଗାମୁଛା ଖଣ୍ଡେ ତ ତୋର ଯଥେଷ୍ଟ, ମୋ ଘରୁ ଛିଣ୍ଡା ଫଟା ଦେଖି ଖଣ୍ଡେ ନେଇ ଆସିବୁ ।
କୃଷକ: ମୋ ଦୁଃଖର କଣ ଶେଷ ନାହିଁ ?
ଜମିଦାର: ଆହା ହା ତୋ ଦୁଃଖ ଦେଖିଲେ ମୋ ଆଖିରୁ ଲୁହ ଝରେ ।
କୃଷକ: ମୋ ଆଖିରୁ ଯେ ଲହୁ ଝରୁଛି ।
+++++

ଏମିତି ଅନେକ ସମ୍ବେଦନଶୀଳ ଘଟଣାବଳୀ ଚୁମ୍ବକରେ ଅତି ସାଂକେତିକ ଓ ସଂକ୍ଷିପ୍ତ ସଂଳାପରେ ବର୍ଣ୍ଣନା କରାଯାଇ ଏକ ନୂତନ ଧର୍ମିତାର ଉପସ୍ଥାପନା କରାଯାଇଛି । ଏହିଭଳି ଭାବରେ ବିପ୍ଳବ ଅତ୍ୟାଚାର ଆଦି ଅନେକ ପାରମ୍ପରିକ ଘଟଣାକୁ ଅପରାମ୍ପରିକ ଢ଼ଂଗରେ ବର୍ଣ୍ଣନା କରିବାର କୌଶଳ ପ୍ରୟୋଗ କରି ଏକ ନୂତନତାର ସଫଳ ପ୍ରରୀକ୍ଷା କରିଥିବାର ଅନୁଭବ ପାଇପାରିଛି । (କ୍ରମଶଃ)

ଧାରାବାହିକ ଉପନ୍ୟାସ

ମାଟିର ପ୍ରହରୀମାନେ

ଭାଗ-୧୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପୁଷ୍ପାଞ୍ଜଳି ନାୟକ

❤ ଜେଲରୋଡ, ବାଲେଶ୍ୱର-୧ (ମୋ) ୯୨୩୭୯୫୯୯୭୩

ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ଧାଇ ବିଦ୍ୟାରେ ଭାରି ଭଲ ହାତ ତା'ର । ଭଲ ଉପୁରି ହୁଏ । ହେଲେ ବଡ଼ କୃପଣ । ଡାକ୍ତରଖାନାରୁ ମିଳୁଥିବା ଧଳା ଶାଢ଼ି ଛଡ଼ା ଆଜିଯାଏ କେହି ତାକୁ ହାତରୁ ପଇସା ଖର୍ଚ୍ଚ କରି ଶାଢ଼ି ପିନ୍ଧିବାର ଦେଖିନାହାନ୍ତି । ଦେଖିବାକୁ ସୁଦର୍ଶନା ନୁହେଁ, ବରଂ ଅସୁନ୍ଦରୀ କୁହାଯାଇପାରେ । ଶ୍ୟାମଳ ରଙ୍ଗ, ଚେପଟା ନାକ, ଛାମୁଦାନ୍ତ ଦିଓଟି ସାମ୍ନାକୁ ବାହାରି ପଡିଛି । ତିନିଜଣଙ୍କ ବଧରେ ଖୁବ୍ ଭାବ । ତେବେ ମଝିରେ ମଝିରେ ଯେ କଥା କଟାକଟି ବା ମନ ଫଟାଫଟି ହୁଏ ନାହିଁ, ତା ନୁହେଁ ।

ଚନ୍ଦ୍ରମଣି କହିଲା, ଆଜି କଅଣ ଡାକ୍ତରବାବୁ ଘରେ ଝଗଡ଼ା କରି ଆସିଛନ୍ତି ? ମୁହଁଟାକୁ ଗମ୍ଭୀର କରି ସେଇ ସକାଳଠାରୁ ଖାତାକାମ କରୁଛନ୍ତି ! କିରେ ଭୀମ ! ତୁ ତ ସକାଳୁ ବାବୁଙ୍କ କ୍ୱାର୍ଟରକୁ ଯାଇଥିଲୁ, କଥା କଅଣ ?

ଭୀମ ସେମିତି ହସି ହସି କହିଲା, ଯାହା କହ ଦିଦି, ଆମ ମାଆ ସାଆନ୍ତାଣୀଙ୍କୁ ବାବୁ ଜମା ପଟିଲା ନାହିଁ । ବାବୁଙ୍କର ଖାଲି ଟିକେ କଥାକୁ ରାଗ । ଏଇ ଆଜି ତ ମୋ ସାମ୍ନାରେ ଝଟାପଟା ଲାଗିଗଲେ । ମାଆଙ୍କର ଦୋଷ ହେଲା, ସେ ଗୋଟାଏ ଭିକାରୁଣୀକୁ ସକାଳୁ ପଖାଳବେଳାଏ ଦେଇଥିଲେ ଖାଇବାକୁ । ତାର ବି ଅକଳ ଦେଖ, ବାଡ଼ି ଦୁଆରମୁହଁଟାରେ ଖାଇବସିଛି । ବାବୁ ପଛପଟେ ଡାକ୍ତରଖାନା ଆସିଲାବେଳକୁ ଆଖିରେ ପଡ଼ିଗଲା । ସିଧା ଫେରିଯାଇ ମାଆଙ୍କୁ ଗାଳି, ଫଜିତ ।

ପିଅନ ପ୍ରଭାକର କହିଲା, ଏତେ ପାଠ ପଢ଼ି ଆମ ବାବୁ ଗାଉଁଲୀ ଲୋକଙ୍କ ଭଳି ଏଇସବୁ କଥା ମାନନ୍ତି ?

ଭୀମମୁଖୀ କହିଲା, ନାନା ବାବୁଙ୍କର ଘରୁ ବାହାରିବା ବେଳେ ଭିକାରୀ ଦେଖିବା ପାଇଁ ଯେତେ ରାଗ ନୁହେଁ, ବେଶୀ ରାଗ, ଏ ମହରଗ କାଳରେ କାହିଁକି ଭିକାରୀଟାକୁ ଖାଇବାକୁ ଦେଉଥିଲେ ! ମାଆ ବି ଛାଡ଼ିବା ଝିଅ ନୁହଁନ୍ତି, ଠିକ୍‌ଠାକ୍ ବତାଇନେଲେ ।

ଚନ୍ଦ୍ରମଣି କହିଲା, ବାବୁଙ୍କର ସବୁଗୁଣ ଭଲ । ହାତ ଭଲ । ଗୋଟାଏ ପଇସା ଉପରି ନିଅନ୍ତି ନାହିଁ । କାମରେ ଫାଙ୍କି ଦିଅନ୍ତି ନାହିଁ । ଅଥଚ ଏତେ କଞ୍ଜୁସ ! ଯାହା କହ ଭୀମ, ତୁ ଯେମିତି ରୋଜ ବାବୁଙ୍କ ଘରେ ଚା, ଜଳଖିଆ ପକାଉଛୁ, ମୁଁ ଜମା ପାରନ୍ତିନି ।

ଭୀମମୁଖୀ ସାମାନ୍ୟ ଅପମାନିତ ହେଲାପରି ଜଣାଗଲା । ହେଲେ ସେ କଥାଟାକୁ ଦେହରେ ନମାଖି ଉତ୍ତର ଦେଲା, ଦିଦି, ବାବୁଆଣୀ ଏତେ ଶରଧାରେ ଖାଇବାକୁ ଦିଅନ୍ତି, ମନା କରିବାକୁ ଜିଭ ଲେଉଟେ ନାହିଁ । ଆଚ୍ଛା, ମତେ ଭାରି କହିଦେଉଛ, ତୁମେ ଦିଜଣ ସେଥର ବାବୁଙ୍କ ପୁଅ ଜନ୍ମଦିନ ସେଠି ଦିବ୍ୟଭୋଜନ ପକାଇ ନଥିଲ ?

ଚନ୍ଦ୍ରମଣି ଟିକେ ନରମ ସ୍ୱରରେ କହିଲା, ଆହା ! ତୋତେ ଥଟ୍ଟରେ କିଛି କହିଲେ ବି ସହିବୁ ନାହିଁ ? ଛାଡ଼ ସେକଥା । ଆଚ୍ଛା, ଆଜି ସେ କାଗଜଗୁଡ଼ିକୁ କାଟିରଖିବା ପାଇଁ କହିଥିଲି, କରିଛୁ ? ଏଇନା ବାବୁ ଗାଳି ଦେବେ । ପ୍ରଭାକର କହିଉଠିଲା, ଦିଦି, ସେ କାମ ଆଉ ବାକି ଅଛି ? କାଲି ଉପରଓଳି ତୁ ଆସିନଥିଲୁ, ଆମେ ସାରି ଦେଇଛୁ ।

ଖରାଟାଣ ହେଉଛି । ପେଟରେ ଭୋକର ଜ୍ୱାଳାବଢୁଛି । ସେଇ ସାତସକାଳୁ ପେଟରେ ଯାହା ଚା କପେ ଓ ମୁଢ଼ି ଦିଟା ପଡ଼ିଥିଲା । ରୋଗୀଙ୍କର ଦେଖାଦର୍ଶନ ବି ନାହିଁ । ରୋଗୀ ଟିକେ ଅବସ୍ଥାସମ୍ପନ୍ନ ହୋଇଥିଲେ ବେଳେବେଳେ ତା ଉପରୁ ତିନିଜଣଙ୍କର ଚା ହୋଇଯାଏ । ବିଶେଷକରି ରୋଗ ଯଦି ଘା ଘାଉଡ଼ା, ପୋଡ଼ାଜଳା ବା କାଛୁ, କୁଣ୍ଡିଆ ଜାତିର ହୋଇଥାଏ !

ଏ ଯେଉଁ ଡାକ୍ତରବାବୁ, ଛୁଟିସମୟର ଗୋଟାଏ ମିନିଟ ଆଗରୁ ବି ଡାକ୍ତରଖାନା ବନ୍ଦ କରିବେ ନାହିଁ । ବସଷ୍ଟାଣ୍ଡ ପାଖ ଗୁମୁଟିରୁ ଚା କପେ ପିଇଆସିଲେ ହୁଅନ୍ତା, ହେଲେ ଏ ଭୋକ କି ସେଥିରେ ସମ୍ଭାଳି ହେବ !

ଚନ୍ଦ୍ରମଣି ଆଜି ଇଲଶିମାଛ କିଣିଥିଲା । କେ.ଜି. ବାର କରି । ସେଥିରୁ ଦୁଇଖଣ୍ଡ ତେଲଝାଲ କରି ଆସିଛି । ବାକି ଭାଜି ରଖିଆସିଛି । ଆଉ କିଛି ଦରକାର ନାହିଁ ତାର, ମାଛ ହେଲେ । ହେଲେ ଏଗାରଟା ହେବାକୁ କେତେ ଡେରି ଅଛି କେଜାଣି ? ଯାଇ ପୁଣି ସକାଳପହରୁ ରନ୍ଧାଭାତ, ତରକାରୀ ଗରମ କରିବାକୁ ହେବ । ସେ ଥଣ୍ଡା ଖାଇପାରେନି ।

ଭୀମ ଷ୍ଟାଣ୍ଡ ହୋଟେଲରେ ଖାଇଯିବ ଭାବିଛି । ନିତେଇସାହୁ ହୋଟେଲରେ ।

ଧାର ହୋଇଗଲାଣି ଅନେକ, ତଥାପି ଲୋକଟା କିଛି କହେନା । ଆଜି ସକାଳୁ ନଖି ଓ ସେମ୍ପଡ଼ି ଝାଟାପଟା ଲାଗିଥିଲେ । ଚୁଲି ଲାଗିଛି କି ନା କେଜାଣି ?

ପ୍ରଭାକର ଆଜି ମୁଗଡାଲି ସାଥିକୁ ବଡ଼ିରାଇ ଆଣିଛି । ଏତେ ସକାଳୁ ଭୁନ୍ଦୁବୋଉ ଆଉ କଅଣ ଦିଅନ୍ତା ? ସେ ଭାତ ଶୁଖି ଜାଳ ହୋଇଯାଏ । ଥରେ ଦିଥର ଦିଦି ବସାରେ ଭାତ ଗରମ କରିଥିଲା ସେ, ଦିଦି ମନେ ମନେ ଅସନ୍ତୁଷ୍ଟ ହେବା ଜାଣିପାରିଲା ପରେ ଆଉ ଯାଏ ନାହିଁ ।

ଭୀମ କହିଲା, ଆଜି ଦିଦିର ବଡ଼ ମାଛ ତରକାରୀ, ପ୍ରଭାକର, ତୋର କଅଣ ?

ପ୍ରଭାକର ଉତ୍ତର ଦେବା ଆଗରୁ ଚନ୍ଦ୍ରମଣି କହିଉଠିଲା, ତୋର ତ ଅଧେଦିନ ହୋଟେଲରେ ଭୋଜନ, ଆମେ କଅଣ ତୋ ଭଳି ଖାଉଛୁ ? ଯାହା କହ ପ୍ରଭାକର, ଭୀମର ଭାଗ୍ୟ ଭାରି ଭଲ । ତିନି ଭାରିଯା । ସେଥିକୁ ସାନଟି ସୁନ୍ଦରୀ ।

ଟିକେ ପରେ ଗୋଟାଏ ଗାଉଁଲି ଢ଼ଗ ଆବୃତ୍ତି କରି କହିଲା, ଭୀମ ବେଳ ଥାଉଁ ଥାଉଁ ଲକ୍ ପାଖର ସେ ଭାରିଯାକୁ ଆଣି କୁଆଡ଼େ ରଖିଦେ । ସେମାନେ କାମ ଆରମ୍ଭ କଲେଣି । ଭୀମ ଭ୍ରରଦେବା ଆଗରୁ ପ୍ରଭାକର ରାଗି କହିଉଠିଲା, ଦିଦିର କଅଣ ଯାଏ ଆସେ, ତା'ର ତ ବାଲେଶ୍ୱରରେ ଘର । ମରିବୁ ଆମେ । ଛୁଆପିଲା ଧରି ବୁଢ଼ାକାଳରେ ଭିକ ମାଗିବୁ । ଦିଦି ଥଟ୍ଟା କରିବିନି କାହିଁକି ?

ଚନ୍ଦ୍ରମଣି ହଡ଼ବଡ଼େଇ ଯାଇ କହିଉଠିଲା, କେଉଁ କଥା କୁଆଡ଼େ ଯାଏ ?

ଭୀମ କଥାଟାକୁ ହାଲୁକା କରିବାକୁ ଯାଇ କହିଉଠିଲା, ତୁ ଏମିତି ରାଗୁଛୁ କାହିଁକି ? ଘାଟୀ ହେଲେ କେତେ ଅଫିସର ଆସିବେ । ଦୋକାନ, ବଜାର ହେବ । ହୋଟେଲ ସିନେମା ହେବ । ଦିଦି ଆମକୁ ସିନେମା ଦେଖାଇବ, ମଝିରେ ମଝିରେ !

ପ୍ରଭାକର ହସିଲା, ବିଦ୍ରୁପରେ କହିଲା, ପୁଅ ମନେ ମନେ ପିଠା ଖାଉଛି । ଆରେ ମୁର୍ଖ ! ଘାଟୀ ହେଲେ ଆଉ ଏଠି ଖାଇବାକୁ ଥିବ କଅଣ ? ବସୁମାତା ବନ୍ଧ୍ୟା ହୋଇଯିବ । ସବୁବେଳେ ବୋମା ଫୁଟିବ । ଆକାଶ କଳା ହୋଇଯିବ । ଟୋପାଏ ମେଘ ବି ବର୍ଷିବ ନାହିଁ । ଗାଈର ପହ୍ନା ଶୁଖି ଫାଟିଯିବ । ନଈରେ ମାଛ ମରିଯିବ । ବଜାରରେ ଯାହା ରହିବ, ତା କର୍ମଚାରୀମାନଙ୍କୁ ଅଣ୍ଟବନି । ମଣିଷ ମଣିଷ ମାଂସ ଖାଇବ । କାଳ ଆସୁଛି, ଘୋର କାଳ, ବୁଝିଲୁ ?

ଭୀମର ମୁହଁ ଶୁଖି ଯାଇଥିଲା ଏଥର । ଚନ୍ଦ୍ରମଣି ନିର୍ବୋଧଭାବେ ପ୍ରଭାକରକୁ ଅନାଇ ରହିଥିଲା ।

ପ୍ରଭାକର କଣ୍ଠସ୍ୱରକୁ ଧୀରକରି କହିଲା, ବାଲିଆପାଳ ସୁଖ ଏଥର ସରିଲା ଦିଦି । ମୁଁ ଯାହା କହୁଛି, ମିଛ ନୁହେଁ । ଆଉ ଏଠି ମାଛ, ଦୁଧ ଚାଉଳ ସପନ ହେବ ।

ଚନ୍ଦ୍ରମଣି ବିଷର୍ଣ୍ଣକଣ୍ଠରେ କହିଉଠିଲା, ମତେ ତୁମେସବୁ ସବୁଦିନେ ପର ଭାବ, ନା ? ଆରେ ବାଲେଶ୍ୱରରେ ବାପା ମାଆଙ୍କ ଛଡ଼ା ମୋର ଅଛି କିଏ ? ଏଇଠି ଏତେବର୍ଷ ହେଲା ରହିଲିଣି । ଏ ଜାଗାକୁ ଘର ମଣିନେଲିଣି । ତୁ ସବୁଦିନେ ଏମିତି କରି କହୁ କାହିଁକିରେ ?

ପ୍ରଭାକର ଦୃଷ୍ଟି ଏଥର ନରମ ହୋଇଆସିଥିଲା । ସେ କିଛି କହିବା ଆଗରୁ ଭୀମ କହିଉଠିଲା, ଦିଦି ପ୍ରଭାକର ମଥା ଠିକ୍ ନାହିଁ । ବୁଝୁନୁ, ମୋଭଳି ସେ ତ ହତଭାଗା ନୁହେଁ । ତାର ତ ଏକର ଏକର ଜମି । ଶହ ଶହ ନଡ଼ିଆ, ଗୁଆଗଛ । ଖଣ୍ଡ ଖଣ୍ଡ ବାଡ଼ି, ବାଉଁଶଝାଡ଼ । ବର୍ଷରେ ଦିନେ ପାନଗୁଆ କିଣେନା । ସୋରିଷତେଲ, ନଡ଼ିଆତେଲ କିଣେନା । ଏମିତି କେତେ ଚାକିରି ସେ ଫୁଃ କରି ଉଡ଼ାଇଦେବ । ଘାଟୀ ହୋଇଗଲେ ସେ ଭିକାରୀ ହୋଇଯିବ ଦିଦି !

ଡାକ୍ତରବାବୁ ଡାକିଲେ ଚନ୍ଦ୍ରମଣି !

ଚନ୍ଦ୍ରମଣି ଉଠିଗଲା ।

ପ୍ରଭାକର ହାଇମାରି କହିଲା, ଦିଦି ବୋଧେ ଖରାପ ଭାବିଲା । କଅଣ କରିବି କହ, ଘାଟୀ କଥା ଶୁଣିବାଦିନଠୁ ସତେ ମୋ ମୁଣ୍ଡ ଠିକ୍ ରହୁନି । କେହି ଥଟ୍ଟାରେ ବି କିଛି କହିଲେ ଦେହରେ ଯେମିତି ନିଆଁ ଲାଗିଯାଉଛି ।

ଭୀମର ହରାଇବା ପାଇଁ କିଛି ନାହିଁ । ଶେଷସମ୍ବଳ ପୈତୃକ ଢ଼ିଅଖଣ୍ଡିକ କିଛିଦିନତଳେ ସେ ବିକି ଦେଇଛି । ଆପାତ

ଶେଷ ସନ୍ୟାସୀ; ସୀମାହୀନ ସମୟର ସଫଳ ଦସ୍ତାବିଜ୍

କବି ବିପ୍ଳବ



ସମସ୍ତ ସଜୀବ ଏଇ ମାଟିରୁ ସୃଷ୍ଟି ହୋଇ ପୁଣି ମାଟିରେ ବିଲୟ ହୁଅନ୍ତି। ମାଟି ବିନା ଜୀବନ ଅକଳ୍ପନୀୟ। ତଥାପି ମଣିଷ ମାଟିକୁ ଭୁଲେ, କଂକ୍ରିଟ ମାୟାରେ। ପୁଣି ଦିନେ ମୋହଭଙ୍ଗ ହୁଏ। ମାଟିର ବିକର୍ଷଣ କ୍ଷଣିକ। ଗଳ୍ପ ସଂକଳନ ଶେଷ ସନ୍ୟାସୀର ପ୍ରତିଟି ଗଳ୍ପର ଚରିତ୍ର ମାଟି ମାନସ୍କ। ପ୍ରତିଟି ଗଳ୍ପରେ ମାଟିର ବାସ୍ନା। ପ୍ରକୃତିର ଜୟ ଗାନ, ମାଟିର ଜୟ ଗାନ, ବୃକ୍ଷର ଜୟ ଗାନ। ସର୍ବୋପରି ପ୍ରତିଟି ଚରିତ୍ର ସନ୍ୟାସୀ ପରି ବିଚାରବନ୍ତ, ପ୍ରତିକୂଳ ପରିସ୍ଥିତିରେ ଅବିଚଳିତ।

ପ୍ରଥମ ଗଳ୍ପ ଶେଷ ସନ୍ୟାସୀ ସଂକଳନର ଶୀର୍ଷକ ଗଳ୍ପ। ଦିବ୍ୟତ୍ୱରେ ବୁଡ଼ି ରହୁଥିବା ମୋକ୍ଷ ମୂଳ ହିଁ ଏ ଗଳ୍ପର ମୁଖ୍ୟ ଚରିତ୍ର। କେବେ କେବେ ସେ ସ୍ଥିର ହୋଇ ବୁଡ଼ି ରହୁଥିଲେ ସୀମାହୀନ ବିଶାଳ ତତ୍ତ୍ୱ ପାଖରେ ତ କେବେ କେବେ ହସ୍ତରେ ତାଙ୍କର ପ୍ରିୟ ଗିନି ହଳକ ଧରି ନାଚି ଉଠୁଥିଲେ ବିପୁଳ ଉର୍ଜାରେ। ଏମିତି ଗୋଟିଏ ଦିନ ତାଙ୍କର ଅନ୍ତବସ୍ତ୍ର ଫିଟି ପଡିଥିଲା। ସନ୍ୟାସୀଙ୍କର ଉଦଣ୍ଡ ଉଲଂଗ ନୃତ୍ୟ ଦେଖି ସନ୍ନିକଟ ଗ୍ରାମବାସୀଙ୍କ ମନରେ ଘୃଣା ଜାତ ହେଇଥିଲା। ଶେଷରେ ଅଖିଆ, ଅପିଆରେ ଦିନେ ସନ୍ୟାସୀଙ୍କ ପାର୍ଥିବ ଶରୀର ବ୍ରହ୍ମରେ ବିଲୀନ ହେଇ ଯାଇଥିଲା। ଗଳ୍ପଟି ପାଠକଙ୍କୁ ପରମାର୍ଥ ଦୁନିଆଁର ଉପଲବ୍ଧି କରେଇବାରେ ସକ୍ଷମ ହେବ।

'ଛ ଜଣ ବନ୍ଧୁ ଓ ଭୂତ 'ଗଳ୍ପ ଟି ର ପ୍ରତିଟି ଧାଡିରେ ପାଠକ ମନରେ ଶିହରଣ ସୃଷ୍ଟି କରିବ ଆଉ ସେ ପିଲାଦିନକୁ ଅନୁଭବ କରି ପାରିବ ।

'କିଛି ବେଳ ବାକି ଥିଲା' ଗଳ୍ପର ଆବେଦନ ଖୁବ୍ ସମ୍ବେଦନଶୀଳ। ଗୋଟିଏ ବାପ ଛେଉଣ୍ଡ ସରଳ ନିରୀହ ଗୋପାଳକ ଗୋବରା ଓରଫ ଗୋବର୍ଦ୍ଧନ ଦାସର ସ୍ୱପ୍ନ ଭଙ୍ଗର କାହାଣୀ। ପ୍ରଚଣ୍ଡ ବର୍ଷା ଓ ବଜ୍ରପାତ ସମୟରେ ସେ ଗାଈ ଚଉଥିବା ସମୟରେ ବଜ୍ରପାତରେ ଟଳି ପଡିଛି। ତାର ବିଶ୍ୱାସ ଥିଲା ସେ ଜୀବନରେ ଅଧର୍ମ କରିନାହିଁ, ତେଣୁ ତାର ଅକାଳ ମୃତ୍ୟୁ ହେବ ନାହିଁ। ତା ମନର ଦୃଢ଼ ବିଶ୍ୱାସ ଭାଗ୍ୟର କ୍ରୁର ପରିହାସରେ ମାଟିରେ ମିଶି ଯାଇଛି। ଚତୁର୍ଥ ଗଳ୍ପ 'ସର୍ଜନା' ସର୍ଜନା ଜଣେ କବି ଓ ତାଙ୍କର ସୃଷ୍ଟି ସମୂହକୁ ନେଇ ଗତିଶୀଳ। କବିତା ଲେଖାରେ ଅହରହ ମଗ୍ନ କବି ନିଜ ପରିବାରଠୁ ଦୂରେଇ ଯାଇଛନ୍ତି। ପରିଣାମ ସ୍ୱରୂପ ତାଙ୍କ ସ୍ତ୍ରୀ ସହିତ ତାଙ୍କର ମନୋମାଳିନ୍ୟ ଘଟିଛି ଏବଂ ସେ ଗୃହ ତ୍ୟାଗ କରିଛନ୍ତି। ତାଙ୍କର କାଳ୍ପନିକ କାବ୍ୟିକ ସୃଷ୍ଟି ଅପେକ୍ଷା ସନ୍ତାନ ହିଁ ତାଙ୍କର ଉତ୍କୃଷ୍ଟ ସର୍ଜନା ଅନୁଭବ ହେବା ପରେ ସେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସାଧାରଣ ଘଟଣାକୁ ଅସାଧାରଣ ଢଙ୍ଗରେ କହିବାର କଳା ଗାଳ୍ପିକଙ୍କୁ ବେଶ୍ ଜଣା। 'ଘର' ଗପଟି ଗୋଟିଏ ନିଆରା ସ୍ୱାଦର। ଦୁନିଆଁରେ ଘଟେ ଅକଳ୍ପନୀୟ ଘଟଣା କିଛି, ଆଖି ବିଶ୍ୱାସ କରୁନଥିବା ଦୃଶ୍ୟ କିଛି। ଗୋଟିଏ ତାନ୍ତ୍ରିକର ଘର ଭଡ଼ା ଦେବା ଘଟଣାକୁ ନେଇ କାହାଣୀ ଗତିଶୀଳ। ଇନ୍ଦ୍ରଜାଲ ବିଦ୍ୟାର ସମ୍ମୋହନ ପାଠକକୁଶେଷ ଯାଏ ବାନ୍ଧି ରଖିବ।

ଷଷ୍ଠ ଗଳ୍ପ 'ଉନ୍ମୋଚନ' ବଶମ୍ବଦ ଛାତ୍ର ଶାନ୍ତନୁ ଓ ଶ୍ରଦ୍ଧାଶୀଳ ଗୁରୁ ଅବନୀଶଙ୍କ କାହାଣୀ। ନିଜ ପାଣ୍ଡୁଲିପିର ବହିଟିଏ ପ୍ରକାଶିତ କରିବା ପାଇଁ ଅହରହ ସଂଗ୍ରାମରତ ଅବନୀଶ ଶେଷରେ ସଫଳ ହୁଅନ୍ତି ଶିଷ୍ୟ ଶାନ୍ତନୁର ସହଯୋଗରେ। ମାତ୍ର ଉନ୍ମୋଚନ ପର୍ବରେ ସାମିଲ ହେବା ଆଗରୁ ସମସ୍ତ ଶ୍ରେୟର ଯୋଗ୍ୟ ଶାନ୍ତନୁର ଅକାଳ ବିୟୋଗ ଗଳ୍ପକୁ କରୁଣ କରିଛି। 'ଆଉ ଏକ ବିହଙ୍ଗ ବିପ୍ଳବ' ସଂକଳନର ଅନ୍ୟତମ ସଫଳ ସୃଷ୍ଟି। କୈଶୋରର ଚପଳତା ବଡ଼ ଆକର୍ଷଣୀୟ ଆଉ ରୋମାଂଚକର। ପାପ ପୁଣ୍ୟର ବିଚାର ନଥାଏ ମନରେ। ସେଥିପାଇଁ ତ ସ୍କୁଲ ନ ଯାଇ ନଈ ପଠାରେ ଲୁଚିଥିବା କିଶୋରଟିଏ ଚଢ଼େଇ ଅଣ୍ଡାମାନଙ୍କୁ ଭେଟିଛି। ଗୋଟିକ ପରେ ଗୋଟିଏ ଭାଙ୍ଗି ନିଜ ଭିତରେ ନିଜେ ଫାଟି ପଡିଛି। ନିଜ ବିଜୟକୁ ସାର୍ବଜନୀନ କରିବା ପାଇଁ ସହପାଠୀ ମାନଙ୍କୁ ସେଠିକି ଅଡ଼େଇ ନେଇଛି। ସେତେବେଳେକୁ ଜାଗାଟି ଶୂନ୍ୟ। ବିହଙ୍ଗମାନେ ନିରବ ବିପ୍ଳବ କରି ସେ ସ୍ଥାନ ପରିତ୍ୟାଗ କରିଛନ୍ତି। ସେତେବେଳେ ପିଲାଟି ହୃଦୟରେ ପଶ୍ଚାତାପ ଜାତ ହେଉଛି ଆଉ ତା ହୃଦୟରେ ସୃଷ୍ଟି ହୋଇଛି ବିରାଟ ଶୂନ୍ୟତା। 'ଭୋଟ' ଗୋଟିଏ ରାଜନୈତିକ ଗଳ୍ପ, ଏହାର ଶୀର୍ଷକରୁ ଅନୁମେୟ। ସାମ୍ପ୍ରତିକ କଳୁଷିତ ରାଜନୀତିର ପେଞ୍ଚପାଞ୍ଚ ପାଖରେ ହାରି ଯାଇଛନ୍ତି ନଗୁ ଗୋସେଇଁ ଯିଏ କି ସରପଞ୍ଚ ହେବାର ସ୍ୱପ ଦେଖିଥିଲେ। ନିର୍ଭେଜାଲ ଭଲ ପାଇବା କେବେ ଭୋଟରେ ରୂପାନ୍ତରିତ ହେଇ ପାରେନି। ତାଙ୍କର ଏକାନ୍ତ ଅନୁଗତ, ବାଲ୍ୟ ବନ୍ଧୁ ଚିତ୍ରସେନ ତାଙ୍କୁ ମିଛ ଆଶ୍ୱାସନା ଓ ବିଜୟର ସ୍ୱପ୍ନ ଦେଖେଇ ତାଙ୍କୁ ସର୍ବସ୍ୱାନ୍ତ କରିଦିଏ।

'ଏ ଚିଠି ସଙ୍ଗିନୀ ପାଇଁ'



ଏ କ ଅ । ବେ ଗ । ମ୍ କ ପରିବେଷଣ। ପରିସ୍ଥିତି ଚାପରେ ହେଉ ଅଥବା ସହରୀ ସଭ୍ୟତାର କ୍ଷଣିକ ଚାକଚକ୍ୟରେ ହେଉ ମୋହିତ ମୋହନ ପରି ଚରିତ୍ର ମାନେ ଦିନେ ଗାଁ କୁ ପଛ କରି ଦିଅନ୍ତି। ଦିନେ ପୁଣି ସହରୀ ସଭ୍ୟତାର କୃତ୍ରିମତାରୁ ମୋହଭଙ୍ଗ ହୁଏ। ସେମାନେ ଝୁରି ହୁଅନ୍ତି ହଜିଲା ସମ୍ପର୍କ। ମନେ ପଡେ ଜହ୍ନର ରଜତ ମାୟା, ଡେଙ୍ଗା ତାଳ ଗଛ ଛାଇ, ନଈର ନିଶ୍ୱାସ। ମନ ଅଥୟ ହୁଏ। ପୁଣି ଫେରନ୍ତି ଭିଟା ମାଟିକୁ, ଯେଉଁଠି ମହକୁଦ ଥାଏ ଶୈଶବର ମୁଠା ମୁଠା ସ୍ମୃତି। 'ଗଛ ଆଉ ମଣିଷର ନିଆରା ପ୍ରେମ କାହାଣୀ ଦଶମ ଗଳ୍ପ 'ମାଟିର ଡାକ'। ଗାଁ ମାଟିକୁ ପ୍ରାଣ ଦେଇ ଭଲ ପାଉଥିବା ସହରୀ ମଣିଷ ରତିକାନ୍ତ ଦିନେ ମାଟିମନସ୍କ ହେଇଛନ୍ତି। ଦିନେ ପ୍ରିୟ ମନେ ହେଉଥିବା ସହରକୁ ପଛ କରି ଗାଁ ତୋଟାରେ ଖୋଜିଛନ୍ତି

କୈଶୋରକୁ। ତୋଟାରେ ଥିବା ଆମ୍ବ ଗଛର ଶୀର୍ଷରେ ଥିବା ପାଚିଲା ଆମ୍ବକୁ ଫୋପଡମାରି ଝାଡିଛନ୍ତି। ଗୋଟିଏ ଆମ୍ବ ଉଦରସ୍ଥ କରି ନିଜ ବିଜୟର ପ୍ରମାଣ ସ୍ତ୍ରୀ ଆଉ ପିଲାଙ୍କ ପାଖରେ ଦେଖେଇବାକୁ ବାକି ଦୁଇଟି ସାଇତି ରଖିଛନ୍ତି। ଶେଷରେ ଫୋପଡ଼ ମାରି ହାଲିଆ ହୋଇ ପଡ଼ିଥିବା ରତିକାନ୍ତ ଅବଶ ଦେହକୁ ଗାଁ ବନ୍ଧ ଦେଇଛନ୍ତି। ଶେଷରେ ବିଷାକ୍ତ ସର୍ପ ଦ୍ୱାରା ତାଙ୍କର ଅକାଳ ମୃତ୍ୟୁ ହୋଇଛି। 'ସମ୍ଭୋଗ' ଗଳ୍ପରେ ଗୋଟିଏ କାମୁକ ପୁରୁଷ ସୌମ୍ୟ ରଞ୍ଜନର ଉଲଙ୍ଗ ଇଚ୍ଛା ଓ ମିଛ ଅଭିନୟକୁ ଜୀବନ୍ତ ଭାବରେ ବର୍ଣ୍ଣନା କରିଛନ୍ତି। ଗଳ୍ପର ମୁଖ୍ୟ ନାୟିକା

ଚିତ୍ରଲେଖା ପରିବାର ପାଇଁ ଦେହକୁ ବୃତ୍ତି କରି ପେଟ ପୋଷୁଥାଏ। ଶେଷରେ ସେ ଧରି ପାରେ ଯେ ତାକୁ ସବୁଦିନ ପାଇବାକୁ ଇଚ୍ଛା ରଖୁଥିବା ତାର ଗରାଖ ସୌମ୍ୟ ଅବିବାହିତ ନୁହେ, ସେ ତାର ପିଲା ଦିନର ବାନ୍ଧବୀ ସ୍ୱାତୀର ବର। ଶେଷ ଗଳ୍ପ 'କାରୁଣିକ' ଜଣେ ପଥଭ୍ରଷ୍ଟ କ୍ରୋଧୀରାଜା ଓ ଜଣେ ପରମ କାରୁଣିକ ସନ୍ୟାସୀ ଠାରୁ ସେ ଲାଭ କରିଥିବା ଦିବ୍ୟ ସନ୍ଦେଶରେ ନିଜକୁ ବଦଳେଇ ଥିବାର ସୁନ୍ଦର ଚିତ୍ର।

ମୋଟାମୋଟି ଭାବରେ କହିବାକୁ ଗଲେ ପ୍ରଥମ ଗଳ୍ପ ଶେଷ ସନ୍ୟାସୀ ଠାରୁ ଶେଷ ଗଳ୍ପ ପରମ କାରୁଣିକ ପର୍ଯ୍ୟନ୍ତ ସବୁଠି ମାନବୀୟ ମୂଲ୍ୟବୋଧ, ଗ୍ରାମ୍ୟ ପରିବେଶ ସହ ପ୍ରକୃତିର ଜୟଗାନ କରା ଯାଇଛି। ବାସ୍ତବିକ ସୁଧାକର ହେଉଛନ୍ତି ଗ୍ରାମ୍ୟ ଜୀବନର ଯଥାର୍ଥ ରୂପକାର। ସଂକଳନ ଟିର ବିପୁଳ ପାଠକୀୟ ଆଶା ରଖେ।

❤ ବାଙ୍କୀ, କଟକ
(ମୋ) ୯୪୩୭୪୬୮୦୧୬

ମାଟି ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୩୪

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ-ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।

ଉମାକାନ୍ତ ରାଉତ(ଅରୂପ)
❤ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ସବୁ ପ୍ରଜାପତି ଆମ ଗାଁ ଛାଡ଼ି
କାହିଁକି ଯାଆନ୍ତି ତେଣେ ?
କେତେ ଛିଣ୍ଡା ଡେଣା ମଧୁର ଯନ୍ତ୍ରଣା
ତମ ଗାଁ ଫୁଲର ବଣେ । ୩୪୭ ।

ତମ ନଈପଠା ସୋରିଷ କିଆରି
କଅଁଳ ଉଷୁମ ଖରା
ଯେତେକ ଭଅଁର ଏପଟରୁ ଯାଇ
ସେଇଠି ଦିଅନ୍ତି ଧରା । ୩୪୮ ।

ଆମ ଗାଆଁ ମୁଣ୍ଡ ନିଶୁନ୍ ପଠାର
ନିଶ ଉଠା ଖଣ୍ଡି କାଶେ
ତମ ଗାଆଁ କିଆଁ ତୁଠ ପଥରରେ
ଅଳତା ପାଦକୁ ଘସେ ! ୩୪୯ ।

ତମ ଗାଁ ଚେନାଏ ମୁରୁକି ହସରେ
ପବନ ବାଉଳା ହୁଏ
ପାଗଳ ପରାଏ ଅଣାୟତ୍ତ ହୋଇ
ଆମ ଗାଁ ଦାଣ୍ଡେ ଧାଏଁ । ୩୫୦ ।

ଅଜବ ଫାଜିଲ୍ ତୁମ ଗାଁ ନଈ
ଜମିଦାର ଝିଅ ପରି
ଝୁଙ୍କ ଉଠିଲେ କାହାକୁ ମାନେନା
ଔଦ୍ଧତ୍ୟ କରେ ଜାରି । ୩୫୧ ।

ତମ ଗାଁ ମନ୍ଦିର ଆଳତୀ ଘଣ୍ଟାରେ
ଆମ ଗାଆଁ ନିଦ ତୁଟେ
ଫୁଲଟେ ଫୁଟିଲେ ତମରି ଗାଆଁରେ
ଆମ ଆଡ଼େ ବାସ ଛୁଟେ । ୩୫୨ ।

ତମ ଗାଁ ନଈ ଏଡ଼ିକି ଛୋପରୀ
ଏପଟକୁ ମାଡ଼ି ଆସେ
ଚାଉଁ ଚାଉଁ ଲାଗେ କାଉଁରୀ ପବନ
ତଥାପି କାହିଁକି ବାସେ ? ୩୫୩ ।

ନିର୍ଜନ ତମ ଠାକୁରାଣୀ ପିଣ୍ଡି
ରକ୍ତାରୁଣ କୃଷ୍ଣଚୂଡ଼ା
ଭ୍ରମିତ କରାଏ ବେଳେ ବେଳେ ସତେ
ତୁମେ କି ହୋଇଛ ଛିଡ଼ା । ୩୫୪ ।

ବସନ୍ତ ସଂଜରେ ତୁମ ଗାଁ ଆକାଶେ
ଫୁଟିଲେ ଶୁଭ୍ର କଇଁ
ବିଗଳିତ ହୁଏ ଆମ ଗାଁ ଆବେଗ
ହିଲ୍ଲୋଳେ ରହେ ଚାହିଁ । ୩୫୫ ।

ତମରି ଗାଆଁର ମଥାନରେ ଯେବେ
ଛନ୍ଦରେ ନାଚେ ବର୍ଷା
ଉହୁଁକାଏ ଧୃତ ଚଗଲା ପବନ
ଆମରି ଗାଆଁରୁ ଈର୍ଷା । ୩୫୬ । (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

ବମ୍ ଫୁଲ୍ ବୁଖାରା

୪୭

ଦୀପକ ରଂଜନ ମିଶ୍ର

॥ ହେଭ୍‌ଲକ୍‌ର ସ୍ୱପ୍ନ ॥

ଜାପାନୀ ସୈନିକମାନେ ସହର ଛାଡ଼ି ଗାଁରେ ଯାଇ ରହୁଥିବାର ଖବର ପାଇ ମିତ୍ରଶକ୍ତି ପକ୍ଷରୁ ଗାଁଗୁଡ଼ିକ ଉପରେ ବୋମାମାଡ଼ ଆରମ୍ଭ ହୋଇଯାଏ । ଅନେକ ଜାପାନୀ ସୈନିକଙ୍କର ମୃତ୍ୟୁଘଟେ । ସେମାନଙ୍କ ସହିତ ଅଗଣିତ ଦ୍ୱୀପବାସୀ ବି ମୃତ୍ୟୁମୁଖରେ ପଡ଼ନ୍ତି । ଦ୍ୱୀପର ଚାରିପଟେ ମିତ୍ରଶକ୍ତିର ନୌସେନା ଓ ବାୟୁସେନା ଚକ୍କର କାଟୁଥିବାରୁ ଦ୍ୱୀପ ଛାଡ଼ି ପଳାଇବା ବି ସମ୍ଭବ ହୋଇ ପାରେନି ଜାପାନୀଙ୍କ ପକ୍ଷରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପହଞ୍ଚିଯାଇଥାଏ ତା'ର ଅନ୍ତିମ ପର୍ଯ୍ୟାୟରେ । ଜର୍ମାନୀ ଓ ଇଟାଲୀର ପରାଜୟ ପରେ ଏକୁଟିଆ ଜାପାନ ଲଢୁଥାଏ ମିତ୍ରଶକ୍ତିଙ୍କ ସହିତ । ଏଭଳି ପରିସ୍ଥିତିରେ ନିପ୍ପନ ସରକାର ଆଣ୍ଡାମାନରେ ଥିବା ତାଙ୍କ ସୈନିକମାନଙ୍କର ଆଉ କୌଣସି ପ୍ରକାର ସହାୟତା କରି ପାରନ୍ତି ନାହିଁ । ବର୍ମା କି ସିଙ୍ଗାପୁରରୁ କୌଣସି ମାଲବାହୀ ଜାହାଜ ଆଣ୍ଡାମାନ ଆସିପାରୁ ନଥିବାରୁ ଦ୍ୱୀପରେ ଦେଖାଦିଏ ଘୋର ଖାଦ୍ୟାଭାବ । ଏସବୁ ଯୋଗୁଁ ସେଠିକାର ଜାପାନୀ ସୈନିକମାନେ ଅଧିକ ପ୍ରତିକ୍ରିୟାଶୀଳ ଓ ହିଂସ୍ର ହୋଇଉଠନ୍ତି । ତାଙ୍କ ମନରେ ଏକ ଅକଳ୍ପନୀୟ ଭୟାବହ ଯୋଜନା ଜନ୍ମନିଏ । ସେମାନେ ସ୍ଥାନୀୟ ଅଧିବାସୀଙ୍କ ସହ ବନ୍ଧୁତାପୂର୍ଣ୍ଣ ବ୍ୟବହାର କରି ସେମାନଙ୍କୁ କିଛି ସ୍ୱପ୍ନ ଦେଖାଇବା ଆରମ୍ଭ କରିଦିଅନ୍ତି । ଦ୍ୱୀପର ଅଧିକାଂଶ ଅଧିବାସୀ ଥିଲେ ନିରକ୍ଷର ତଥା ସରଳ ସ୍ୱଭାବର । ବାରମ୍ବାର ଜାପାନୀଙ୍କ ପ୍ରକୃତ ରୂପ ଦେଖି ସାରିଲା ପରେ ବି ସେମାନେ ତାଙ୍କ କଥାରେ ପୁଣିଥରେ ଭଳି ଯାଆନ୍ତି ।

ଜାପାନୀମାନେ ସମସ୍ତଙ୍କ ସାମ୍ନାରେ ତୋଳି ଧରିଥାନ୍ତି ଏକ ସୁନେଲୀ ଭବିଷ୍ୟତର ଛବି । ପୋର୍ଟବ୍ଲେୟାରରେ ଜନସଂଖ୍ୟା ଅଧିକ ତଥା ଉତ୍କୃଷ୍ଟ ଚାଷଜମିର ଅଭାବ ଥିବାରୁ ସବୁବେଳେ ସେଠାରେ ଖାଦ୍ୟାଭାବ ଦେଖାଦେବା ସ୍ୱାଭାବିକ । ମୂଳ ଭାରତ ଭୂଖଣ୍ଡରୁ ନହେଲେ ବର୍ମାରୁ ଖାଦ୍ୟଶସ୍ୟ ଆମଦାନୀ ନହେଲେ ସେମାନଙ୍କର ଚଳିବା ପ୍ରାୟତଃ ଅସମ୍ଭବ ହୋଇ ପଡୁଥାଏ । କେତେଦିନ ଏମିତି ଆଉ ସେମାନେ ହନ୍ତସନ୍ତ ହେବେ । ସେଠାରୁ ପ୍ରାୟ ପଚିଶ ମାଇଲ୍ ଦୂରେ ଥିବା ହେଭ୍‌ଲକ୍ ଦ୍ୱୀପ ଏବେ ବି ଜନଶୂନ୍ୟ ହୋଇ ରହିଛି । ସେଇଠି ଥିବା ଜଙ୍ଗଲକୁ ସଫାକରି ଚାଷୋପଯୋଗୀ ଜମିରେ ତାକୁ ପରିବର୍ତ୍ତିତ କରିଦେଲେ ଅନେକ ଲୋକଙ୍କ କର୍ମନିଯୁକ୍ତି ସମ୍ଭବ ହେବାସହ ସେମାନଙ୍କର ଆର୍ଥିକ ଅବସ୍ଥା ସୁଧୁରି ଯିବ । ଏଠି ଥିବା ଭୂମିହୀନମାନେ ସେଠାରେ ଯାଇ ପ୍ରକାଣ୍ଡ ଭୂସମ୍ପତ୍ତିର ମାଲିକ ହୋଇ ସୁଖରେ ଜୀବନ ଅତିବାହିତ କରି ପାରିବେ । ସୁଖଦ ସ୍ୱପ୍ନ ଦେଖିବାକୁ କାହାକୁ ବା ଭଲ ନଲାଗେ । ଅନେକଙ୍କୁ ଜାପାନୀଙ୍କ ଏଇ ହେଭ୍‌ଲକ୍‌ର ନିଶା ଘାରିଯାଏ । ଦଳ ଦଳ ହୋଇ ଲୋକେ ସେଠାକୁ ଯିବାକୁ ବାହାରିପଡ଼ନ୍ତି । ଦ୍ୱୀପର ବିଭିନ୍ନ ଅଞ୍ଚଳରୁ ସେମାନଙ୍କୁ ଅଣାଯାଇ ପ୍ରଥମେ ସେଲ୍ୟୁଲାର ଜେଲ୍‌ରେ ଖାଲି ପଡ଼ିଥିବା ସେଲ୍ ଗୁଡ଼ିକରେ ରଖାଯାଏ । ଲୋକେ ବ୍ୟଗ୍ରତାର ସହ ଅପେକ୍ଷା କରିଥାନ୍ତି କେବେ ସେମାନଙ୍କୁ ତାଙ୍କ ଇପ୍‌ସିତ ଦ୍ୱୀପକୁ ନିଆଯିବ ବୋଲି । ବୁଢ଼ା ଠୁଁ ପିଲା ପର୍ଯ୍ୟନ୍ତ କାହାକୁ ବା ସ୍ୱପ୍ନ ଦେଖିବାରେ ବାରଣ ଅଛି ଯେ ? ହେଭ୍‌ଲକ୍ ଦ୍ୱୀପରେ ସେମାନଙ୍କର ନୂଆ କଲୋନୀ ସ୍ଥାପିତ ହେବ । ଆଖି ନପାଇବା ପର୍ଯ୍ୟନ୍ତ ଲମ୍ବିଥିବ ତାଙ୍କର ଚାଷଜମି । ବିଭିନ୍ନ ଖାଦ୍ୟଶସ୍ୟରେ ପୂରି ଉଠିବ ସେମାନଙ୍କ ଭଣ୍ଡାରଘର । ଆମଦାନୀ ବଦଳରେ ରପ୍ତାନୀ କରିବେ ସେମାନେ ଅନ୍ୟ ଦେଶକୁ । ବୈଦେଶିକ ମୁଦ୍ରା ଯୋଗୁଁ ଆର୍ଥିକ ସ୍ଥିତି ସୁଧୁରିଯିବ ସମସ୍ତଙ୍କର । ଲୋକେ ତାଙ୍କ ପରିବାର ସହିତ ପୋର୍ଟବ୍ଲେୟାର ଛାଡ଼ିବାକୁ ପ୍ରସ୍ତୁତ ହେଉଥାଆନ୍ତି । କିନ୍ତୁ ତାଙ୍କର ଏଇ ଯାତ୍ରା ବେଳେ ଅତି ସତର୍କତାର ଅବଲମ୍ବନ କରିବା ଦରକାର ବୋଲି ବାରମ୍ବାର ସୂଚେଇ ଦେଇଥାନ୍ତି ଜାପାନୀ ଅଧିକାରୀଗଣ । ଚାରିଆଡ଼େ ଯେ ମିତ୍ରଶକ୍ତିର ସତର୍କ ଦୃଷ୍ଟି । କଥା ଟିକିଏ ପ୍ରଘଟ ହୋଇଗଲେ ସବୁ ଓଲଟପାଲଟ ।

ଦିନେ ସୂର୍ଯ୍ୟ ଅସ୍ତ ହେବା ପରେ ସମସ୍ତଙ୍କୁ ଜେଲ୍ ଫାଟକ ପାଖରେ ଆସି ପହଞ୍ଚିବା ପାଇଁ ହୁକୁମ୍ ଦିଆଯାଏ । ବାହାରେ ଧାଡ଼ି ଧାଡ଼ି ହୋଇ ଟ୍ରକ୍ ପ୍ରସ୍ତୁତ ହୋଇ ରହିଥାନ୍ତି । ଦଳଦଳ କରି ସେମାନଙ୍କୁ ସେଇ ଟ୍ରକ୍‌ର ଡାଲାରେ ଚଢ଼ାଯାଏ। ସୁନେଲୀ ସ୍ୱପ୍ନରେ ବିଭୋର ଏଇ ମଣିଷମାନେ ଟ୍ରକ୍‌ରେ ଚଢ଼ିବାର ଆଦେଶ ପାଇ ଚିନ୍ତିତ ହୋଇଯାଆନ୍ତି । ସେଲ୍ୟୁଲାର ଜେଲ୍‌ରୁ ଡାକେ ବାଟରେ ଏବରଡୀନ୍ ବନ୍ଦର । ନୂଆ ଦ୍ୱୀପକୁ ଯିବାକୁ ହେଲେ ସେମାନେ ପ୍ରଥମେ ବନ୍ଦରକୁ ଯିବା କଥା। ତେବେ ତାଙ୍କୁ ଏଇ ଟ୍ରକ୍‌ଗୁଡ଼ିକରେ ଚଢ଼ା ଯାଉଛି କାହିଁକି ? ଏଥିରେ ଜାପାନୀଙ୍କ ଅନ୍ୟ କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ? ଟ୍ରକ୍‌ଡାଲାଟି ଲୋକରେ ଭର୍ତ୍ତି ହୋଇଯିବାରୁ ତାକୁ ପୁଣି ତିର୍‌ପାଲ୍‌ରେ ଘୋଡ଼େଇ ଦିଆଯାଏ । ଏହା ଦେଖି ଲୋକେ ଆହୁରି ଭୟଭୀତ ହୋଇ ଯାଆନ୍ତି । ପୂର୍ବରୁ ବି ଏମିତି କେତେଥର ଲୋକଙ୍କୁ ଘୋଡ଼େଇ ଘାଡ଼େଇ ଟ୍ରକ୍‌ରେ ନେଇ କୋଉ ଅଜ୍ଞାତ ଅଞ୍ଚଳରେ ମାରି ଦିଆଯାଇଥିବା ଖବର ଲୋକମୁଖରେ ଶୁଣିବାକୁ ପାଇଛନ୍ତି ସେମାନେ ।

ଟ୍ରକ୍ କିନ୍ତୁ ଅନ୍ୟ କୌଣସି ଅଜ୍ଞାତ ଗନ୍ତବ୍ୟ ସ୍ଥଳକୁ ନଯାଇ ୨୦୦ ମିଟର ଦୂର ଏବରଡୀନ୍ ଜେଟିରେ ହିଁ ସେମାନଙ୍କୁ ଓହ୍ଲାଇ ଦିଏ ରାତ୍ରିର ଅନ୍ଧକାର ଭିତରେ । ଏଇ ଟିକକ ବାଟ ଆସିବା ପାଇଁ ଏତେ ପାଲା ! ସାମାନ୍ୟ ଟିକିଏ ବି କଥାବାର୍ତ୍ତା ପରସ୍ପର ଭିତରେ କରିବା ପାଇଁ ସେମାନଙ୍କୁ ବାରଣ କରାଯାଇଥାଏ । ସେମାନେ କୁଆଡ଼େ,

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ନଭେମ୍ବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

ପାଇଛୁ...ପଢିଛୁ...



ସମୟର ପ୍ରାଚୀଧାରା(ପୂଜା ସଂଖ୍ୟା)
ସଂପାଦକ : ଭଗବାନ ସାହୁ
ସା/ପୋ : ତୁରିନ୍ତିରା, ବାଲିପାଟଣା, ଭୁବନେଶ୍ୱର

'ସାହିତ୍ୟ, ସାହିତ୍ୟିକ, ସାହିତ୍ୟ ପତ୍ରିକା ପ୍ରତ୍ୟେକ ପରସ୍ପର ପରିପୂରକ, ଯାହା ଭିତରେ ସଂପାଦକଟିଏ କେବଳ ପାଠକ ଓ ଲେଖକମାନଙ୍କର ଯୋଗସୂତ୍ର ରକ୍ଷାକାରୀ ଭାବରେ କାର୍ଯ୍ୟ କରିଥାଏ । ଉପଯୁକ୍ତ ଲେଖା ଜୟନ କରି ତାକୁ ପରିଷ୍କାର ଓ ନିର୍ଭୁଲ ଭାବରେ ପରିବେଷଣ କରିବାର ଗୁରୁ ଦାୟିତ୍ୱ ନ୍ୟସ୍ତ ଥାଏ ତା' ଉପରେ । ଏତଦ୍‌ବ୍ୟତୀତ କେଉଁଠୁ କେମିତି ବିଜ୍ଞାପନଟିଏ ଆସିପାରିବ, ସଦସ୍ୟତା ସଂଖ୍ୟା କିପରି ବୃଦ୍ଧି ପାଇବ, ପତ୍ରିକା କିଭଳି ସୁରୁଖୁରୁରେ ରାଜ୍ୟର ସବୁ ଅଞ୍ଚଳରେ ପହଞ୍ଚିପାରିବ ସେ ଦାୟିତ୍ୱ ମଧ୍ୟ ସମ୍ପାଦକ ଉପରେ ନ୍ୟସ୍ତ ଥାଏ । କାରଣ ବିନା ବିଜ୍ଞାପନ, ସଦସ୍ୟତା କିମ୍ବା ପ୍ରଚାର ପ୍ରସାରରେ ପତ୍ରିକା ବଂଚିବା ଅସମ୍ଭବ ।'

ପୂଜା ପତ୍ରିକା 'ସମୟର ପ୍ରାଚୀଧାରା'ର ସମ୍ପାଦକୀୟରେ ନିଜ ଦାୟିତ୍ୱବୋଧ ସମ୍ପର୍କରେ ବେଶ୍ ଚିନ୍ତାଦ୍ୟୋତକ ବକ୍ତବ୍ୟ ରଖିଛନ୍ତି ସଂପାଦକ ଭଗବାନ ସାହୁ ।

ସୁନ୍ଦର ପ୍ରଚ୍ଛଦ ବିଶିଷ୍ଟ ଏହି ପତ୍ରିକାରେ ରହିଛି 'ପ୍ରବନ୍ଧ କକ୍ଷ', 'କବିତା କକ୍ଷ', 'କାହାଣୀ କକ୍ଷ', 'ପୁସ୍ତକ ଆକଳନ କକ୍ଷ' ଓ 'ପ୍ରତିବେଶୀ ସାହିତ୍ୟ କକ୍ଷ' । ପ୍ରତି କକ୍ଷ ବେଶ୍ ପ୍ରତିଷ୍ଠିତ ଲେଖକଙ୍କ ଲେଖାରେ ସମୃଦ୍ଧ । ପ୍ରବନ୍ଧରେ ପ୍ରଫେସର ଆଦିକନ୍ଦ ସାହୁଙ୍କ ଠାରୁ ଆରମ୍ଭ କରି ପ୍ରତିବେଶୀ ଗଳ୍ପରେ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପର୍ଯ୍ୟନ୍ତ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଲେଖକଙ୍କ ଲେଖା ଏଥିରେ ସ୍ଥାନିତ । କବିତାରେ ଫନୀ ମହାନ୍ତି, ହରିଶ୍ଚନ୍ଦ୍ର ବେହେରା, ପ୍ରସନ୍ନ କୁମାର ସ୍ୱାଇଁ, ତାରକ ମହାନ୍ତି, ଗିରିଜା ଶଙ୍କର ଶର୍ମା, ପିନାକୀ ମିଶ୍ର, ନିରାକର ଦାସ, ସୁରଞ୍ଜନ ପାତ୍ର, କାମଦେବ ମହାରଣା, ଗୀତାଶ୍ରୀ ପ୍ରିୟମ୍ବଦା, ଡ. ରଜନୀ ରଂଜନ, ଲିପିରେଖା ଶତପଥୀ, ମନୋରଂଜନ ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ଶରତ ଦାଶ, ମାଧୁରୀ ନନ୍ଦ, ପର୍ଯ୍ୟପ୍ତି ନାଏକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଜିନାତମାମ୍ ଦର୍ଜୀ, ବେଣୁଧର ସୂତାର, ପ୍ରଶାନ୍ତ ଦାସଙ୍କ ପରି ବହୁ ପ୍ରବୀଣ ଓ ନବୀନଙ୍କ ଲେଖା ଏଥିରେ ସ୍ଥାନିତ ହୋଇଥିବା ବେଳେ ଗଳ୍ପରେ ଅରବିନ୍ଦ ଦାସ, ଡ. ସୁରେଶ ଛୋଟରାୟ, ଅମିୟ ବେଜ, ଭାସ୍କର ଜେନା, କାର୍ତ୍ତିକ ସ୍ୱାଇଁ, କମଳିନୀ ମଲ୍ଲିକ, ରାଜୀବ ଗୋପାଳ ସ୍ୱାଇଁ, ବିପ୍ଳବ, ଚନ୍ଦ୍ରମୋହନ ମହାପାତ୍ର, ଶ୍ରୀ ଗୋବିନ୍ଦ, ମିତା ମମତା ପଟ୍ଟନାୟକ, ପ୍ରମୁଖଙ୍କ ବହୁ ସୁନ୍ଦର ଗଳ୍ପ ଏଥର ପୂଜା ସଂଖ୍ୟାର ଆକର୍ଷଣ ହୋଇଛି । ପୁସ୍ତକ ଆକଳନରେ ଗୀତିକବି ବିପିନ ମହାନ୍ତି, ସୁବ୍ରତ କୁମାର ଦାସ, କୌଶିକ ନାୟକ, ପ୍ରଶାନ୍ତ ମହାନ୍ତି, ଡ. ଭାଗବତ ବେହେରା, ଜୟୀରାମ ସାହୁଙ୍କ ଚମତ୍କାର ଆଲେଖ୍ୟକୁ ବେଶ୍ ସୁନ୍ଦର ଭାବରେ ସ୍ଥାନିତ କରିଛନ୍ତି ସଂପାଦକ ଶ୍ରୀଯୁକ୍ତ ସାହୁ । ପ୍ରତିବେଶୀ ସାହିତ୍ୟରେ ଟି. ପଦ୍ମନାଭନ ଓ ସୁଷମା ସେଠଙ୍କ ଅନୁଦିତ ଗଳ୍ପ ମଧ୍ୟ ବେଶ୍ ଉପଦେୟ । ସର୍ବୋପରି ପୂଜାସଂଖ୍ୟା 'ସମୟର ପ୍ରାଚୀଧାରା' ବେଶ୍ ସୁସମ୍ପାଦିତ ହୋଇ ଏଥର ପାଠକଙ୍କ ନିକଟରେ ନିଜତ୍ୱ ଜାହିର୍ କରିବାରେ ବେଶ୍ ସଫଳ ହୋଇଛି । ୧୨୦ ପୃଷ୍ଠା କଳେବର ଥିବା ଏଇ ପତ୍ରିକାର ମୂଲ୍ୟ ୧୨୦ଟଙ୍କା ରଖାଯାଇଛି । କେବଳ ପ୍ରଚ୍ଛଦରେ ଏହାର ନିଆରାପଣ ବାରି ହେଉନାହିଁ ପରନ୍ତୁ ଏହାର ଲେଖା ଚୟନ, ଅଳଙ୍କରଣ ଓ ମୁଦ୍ରର ମୁଦ୍ରଣ ମଧ୍ୟ ଏହାର ଅନ୍ୟତମ ଆକର୍ଷଣ ଭାବେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛି, ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ ।

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ

ନବ ଉତ୍କଳର ନିର୍ମାତା ଡ଼ଃ ହରେକୃଷ୍ଣ ମହତାବ

ବିଶ୍ୱବିଜୟୀ ଦାଶ



ଭାରତବର୍ଷର ସ୍ୱାଧିନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବମ୍ବେର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ଲେଖକ, ସାରସ୍ୱତ ସାଧକ, ନବ ଉତ୍କଳ ନିର୍ମାଣର ପୁରୋଧା କୀର୍ତ୍ତୀମାନ ଡ଼ଃ ହରେକୃଷ୍ଣ ମହତାବ। ଡ଼ଃ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣ ଚରଣ ମହତାବ ଓ ମାତାଙ୍କ ନାମ ତୋହଫା ଦେବୀ। ତାଙ୍କର ମାଟ୍ରିକ ପଢ଼ା ଭଦ୍ରକ ହାଇସ୍କୁଲରେ ସମାପ୍ତ ହୋଇଥିଲା, ତାପରେ କଟକର ରେଭେନ୍ସା କଲେଜରେ ପାଠ ପଢ଼ିଥିଲେ।୧୯୨୧ ମସିହାରେ ପାଠ ପଢ଼ା ଛାଡ଼ି ଭାରତର ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ। ୧୯୨୩-୨୪ରେ ଡ଼ଃ ମହତାବ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି କାରାବରଣ କରିଥିଲେ । ୧୯୨୪ ମସିହାରେ ସେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ। ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇ ଥର କାରାବରଣ କରିଥିଲେ। ୧୯୩୬ ମସିହାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହୋଇ ୧୯୪୬ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ୧୯୩୭ରେ ସେ ଓଡ଼ିଶା ରାଜ୍ୟ କଂଗ୍ରେସରେ ସଭାପତି ଭାବେ ଯୋଗଦାନ କରିଥିଲେ । ୧୯୩୮ରେ ସେ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତିର ସଭ୍ୟରୂପେ ମନୋନୀତ ହୋଇଥିଲେ । ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ପୂନର୍ବାର ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୫୫-୫୬ରେ ସେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ । ୧୯୬୨ରେ ସେ ଅପ୍ରତିଦ୍ୱନ୍ଦୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୭, ୧୯୭୧ ଓ ୧୯୭୪ ମସିହାରେ ସେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। କନିକା ଓ ରଣପୁର ପ୍ରଜାମେଳୀ ଓ ଓଡ଼ିଶାର ଗଡ଼ଜାତ ମିଶ୍ରଣରେ ଡ଼ଃ ହରେକୃଷ୍ଣ ମହତାବଙ୍କର ପ୍ରମୁଖ ଭୂମିକା ରହିଥିଲା। ଓଡିଶା ଓ ଓଡ଼ିଶାବାସୀଙ୍କୁ ସର୍ବତ୍ର ଭାବେ ସୁରକ୍ଷିତ ରଖିବା ପାଇଁ ହୀରାକୁଦ ବନ୍ଧ ଥିଲା ତାଙ୍କର ଏକ ଅଭିନବ ପରିକଳ୍ପନା। ଓଡ଼ିଶାର ଯୁବଶକ୍ତିକୁ ଉପଯୋଗ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା ଭଳି ପ୍ରକଳ୍ପର ପ୍ରତିଷ୍ଠା କରିଥିଲେ । ଡୁଡୁମା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଆସ୍କାର ଚ଼ିନି କଳ, ପାରାଦୀପ ବନ୍ଦର, ଚ଼ୌଦ୍ୱାର ଲୁଗା କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ ପ୍ରତିଷ୍ଠା, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ବାରବାଟୀ ଷ୍ଟାଡିୟମ ନିର୍ମାଣ ଓ ଭୂବନେଶ୍ୱର ନୂଆ ରାଜଧାନୀ ପ୍ରତିଷ୍ଠା, ବିଧାନ ସୌଧ, ସଚ଼ିବାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଓଡ଼ିଶା ଅଲମ୍ପିକ ଆସୋସିଏସନର ସେ ପ୍ରତିଷ୍ଠାତା ସଭାପତି ଥିଲେ। ୧୯୨୩ ମସିହାରେ ସେ ସାପ୍ତାହିକ ଖବରକାଗଜ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିଥିଲେ, ଯାହା ଏବେ ଦୈନିକ ପ୍ରକାଶ ପାଉଛି । ତାଙ୍କଦ୍ୱାରା ସାହିତ୍ୟ ପତ୍ରିକା ଝଙ୍କାରର ପ୍ରତିଷ୍ଠା ଓ 'ବିଷୁବ ମିଳନ' ଆୟୋଜନ ଓଡ଼ିଆ ସାହିତ୍ୟକୁ ପ୍ରଗତି ପଥରେ ନେଇଛି । ସେ ଅନେକ ଉପନ୍ୟାସ ରଚ଼ନା କରିଥିଲେ ସେଗୁଡ଼ିକ ହେଲା ନୂତନ ଧର୍ମ, ଟାଉଟର, ଅବ୍ୟାପାର, ପ୍ରତିଭା-୧୯୪୬,ତୃତୀୟ ପର୍ବ। ତାଙ୍କ ଦ୍ୱାରା ଲିଖିତ କବିତା ସଂକଳନ ହେଲା ଚାରି ଚକ୍ଷୁ,ପଲାସୀ,ଅବସାନେ,ଶେଷ ଅଶ୍ରୁ,ନନ୍ଦିକା, ଲଳିତା, ରାଜାରାଣୀ, ଛାୟାପଥର ଯାତ୍ରୀ ଆଦି। ଡ଼ଃ ହରେକୃଷ୍ଣ ମହତାବ ଙ୍କ ଲିଖିତ ଓଡ଼ିଶା ଇତିହାସ, ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତ ପ୍ରଣୟ, ଭାରତୀୟ ସଂସ୍କୃତି, ନେତା ଓ ଜନତା, ଦଶ ବର୍ଷର ଓଡ଼ିଶା, ଗାନ୍ଧୀଜୀ ଓ ଓଡ଼ିଶା, ଆରବ ସାଗରରୁ ଚିଲିକା, ଗାଁ ମଜଲିସ ଓ ଆଧୁନିକତା ଇତ୍ୟାଦି। ତାଙ୍କ ଆତ୍ମଜୀବନୀ ହେଲା 'ସାଧନାର ପଥେ'। ଡ଼ଃ ହରେକୃଷ୍ଣ ମହତାବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀର ସଭାପତି ଭାବେ ଅନେକ ଥର ନିର୍ବାଚିତ ହୋଇଥିଲେ । ତାଙ୍କୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା, ତାହା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ. ଓ ଆଇନରେ ସାଗର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ମିଳିଥିଲା । ଡ଼. ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ' ପୁସ୍ତକ ଲେଖିଥିଲେ। ଓଡ଼ିଶାର ପରାକ୍ରମୀ ଯୋଦ୍ଧାଙ୍କ ତ୍ୟାଗ, ତପସ୍ୟା, ବୀରତ୍ୱର ଗାଥା, ବୁଦ୍ଧିମାନ ସମାଜ ଉପରେ ଆଧାରିତ ଏହି ପୁସ୍ତକରେ କଳିଙ୍ଗ ଯୁଦ୍ଧ, ଖାରବେଳ ଶାସନ, ୧୮୧୭ର ପାଇକ ବିଦ୍ରୋହ, ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଓଡ଼ିଶା ପାଇଁ ତାଙ୍କର ଥିବା କଳ୍ପନା ଇତ୍ୟାଦି ବର୍ଣ୍ଣିତ। ସେହି ମହାନ୍ ଜନନାୟକଙ୍କର ବିୟୋଗ ୨ ଜାନୁୟାରୀ ୧୯୮୭ ମସିହାରେ ହୋଇଥିଲା। ଆଜି ତାଙ୍କର ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଓ କୋଟି କୋଟି ପ୍ରଣାମ।

ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା, ପିନ୍- ୭୫୨୦୩୫
(ମୋ) ୬୩୭୦୨୦୮୪୨୮

ସ୍ମୃତିଶତଦଳ

ଝରିଯିବ ଯେବେ ବୟସର ଫୁଲ-୨

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବୟସର ଫୁଲ କେବେହେଲେ ଝରିଯାଏ ନାହିଁ, ସେ ଫୁଲ ଗୋଲାପ ଫୁଲ ଭଳି ସବୁବେଳେ ସତେଜ ଓ ସୁନ୍ଦର ରହିଥାଏ ଏବଂ ସେଥିରୁ ସୁବାସ ଚହଟୁଥାଏ । ଶରୀର ସିନା କ୍ଷଣସ୍ଥାୟୀ ଆତ୍ମା ଯେ' ଅମର ତେଣୁ ବୟସର ଫୁଲ ମଉଳିଯାଏ ନାହିଁ କି ତନ୍ଦ୍ରା ଘେରିଯିବାର ମଧ୍ୟ ପ୍ରଶ୍ନ ହିଁ ଉଠୁନାହିଁ କିନ୍ତୁ ପୁଣି ଥରେ ସଂଜୀବନୀ ମନ୍ତ୍ରର ଧ୍ୱନିରେ ସେଇ ଗୀତଟି ସଂଜୀବିତ ହୋଇ ଉଠିଲା ନାଲକୋର ଅଡିଟୋରିୟମରେ, ଦୀର୍ଘ ପଚାଶ ବର୍ଷ ପରେ ।

ରାଜ୍ୟ ସ୍ତରୀୟ ବରିଷ୍ଠ କବିଙ୍କର ସମ୍ମିଳନୀ ଅଲ ଇଣ୍ଡିଆ ରେଡିଓ ତରଫରୁ ପାଳିତ ହେଉଥାଏ ଏବଂ ମୁଁ ମଧ୍ୟ ନିମନ୍ତ୍ରିତ କବି ହୋଇ ଯାଇଥାଏ ସେଠାକୁ । ନାଲକୋ ଅଡିଟୋରୟମର ବିଶାଳତା ଦେଖି ଆମେ ସ୍ତବଧ୍ ହୋଇ ଯାଇଥିଲୁଁ । ଉଦଘାଟନୀ ଉତ୍ସବ ପରେ ପରେ ଆରମ୍ଭ ହୋଇଥିଲା ସଂଗୀତ ଓ କବିତାର ଯୁଗଳବନ୍ଦୀ କାର୍ଯ୍ୟକ୍ରମ । ଯେତେବେଳେ ଲୋକପ୍ରିୟ ପୁରୁଣା ସୁଗମ ସଂଗୀତ ସବୁ ଶୁଣିଲୁ ଆମେ ବିହ୍ୱଳ ହୋଇଗଲୁ । ଦୁଇଟି ସଂଗୀତ ପରେ ଗୋଟିଏ କବିତା ପାଠ କରାଯାଉଥିଲା । ମୋଟ ଉପରେ ସେ ଅଢେଇ ଘଣ୍ଟାର କାର୍ଯ୍ୟକ୍ରମ ଆମକୁ ମନ୍ତ୍ର ମୁଗ୍ଧ କରିଦେଇଥିଲା ।

ମୁଁ ବସିଛି ସେଇଠି ନାଲକୋ ଅଡିଟୋରିୟମରେ କିନ୍ତୁ ମନ ମୋର ପହଞ୍ଚି ଯାଇଛି ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜର ଅଡିଟୋରିୟମ ଭିତରେ, ଯେଉଁଠୁ ଖୁବ୍ ଅସ୍ପଷ୍ଟ ସ୍ୱରରେ ଶୁଭୁଛି 'ବୟସର ଫୁଲ' ର ଗୀତ । ଯେଉଁଦିନ ଏସ.ସି.ବି ମେଡିକାଲ କଲେଜରେ ଫାଷ୍ଟ ଇୟରରେ ଆଡମିଶନ ନେଲି ଏବଂ ସେଇଦିନ ଅଡିଟୋରିୟମରେ ଆନୁଆଲ ପ୍ରୋଗ୍ରାମ ହେଉଥିଲା । 'ଲଗ୍ନ' ନାଟକଟିକୁ ଲେଖିଥିଲେ ଡଃ ବସନ୍ତ କୁମାର ମହାପାତ୍ର । ପର୍ଦ୍ଦା ଉପରେ ଭାସି ଉଠିଲା ତାଙ୍କ ଛବି, ସେ ଗୋଟିଏ ହାତରେ ଧରିଥିଲେ କଲମ ଓ ଡାଏରୀ ଏବଂ ଅନ୍ୟ ହାତରେ ଷ୍ଟୋଥୋସ୍କୋପ । ଏତେ ବର୍ଷ ହେଲାଣି ସେ ଚିତ୍ରଟି ମୋ ମନରେ ବସାବାନ୍ଧି ରହିଛି । ତା' ପର ବର୍ଷକୁ ଆମର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କର ଆନୁଆଲ ଡେ ଗୀତ ନାଚ ଓ ଡ୍ରାମା ପ୍ରୋଗ୍ରାମ ରହିଥାଏ ।

ଦୀର୍ଘ ଏତେ ଦିନ ପରେ ବୟସର ବନ୍ଦ ଦରଜା ଯେପରି ଧୀରେ ଧୀରେ ଖୋଲିଗଲା ମଧ୍ୟ ଆତ୍ମାର ଦ୍ୱାର, ସତ୍ତାର ଦ୍ୱାର ଏବଂ ଜୀବନର ଦ୍ୱାର । ମୁଁ ସ୍ୱପ୍ନରେ ଓହ୍ଲାଇ ଗଲି ବୟସର ଅପରାହ୍ନରୁ ଚିର ସବୁଜ ଯୌବନକୁ ଏବଂ ଛଳ ଛଳ ତାରୁଣ୍ୟକୁ । ଜୀବନର ଏତେ କୋଳାହଳ ଭିତରେ କେମିତି ଶୁଭିଲା ସେ ମୁଗ୍ଧ ମଧୁର ସ୍ୱର ଯାହା ମତେ ହଠାତ୍ ଚମତ୍କୃତ କରି ଦେଲା । ଆମ ଫାଷ୍ଟଇୟର ପିଲାମାନେ ମତେ ମିଶାଇ ଦେଇଥିଲେ କୋରସ ରେ । ରିହରସଲରେ ପ୍ରତିଦିନ ପ୍ରାକ୍‌ଟିସ୍ ହେଉଥିଲା ଏବଂ ସେଗୁଡିକ ଖୁବ୍ ମନଛୁଆଁ ହେଉଥିଲା କିନ୍ତୁ ଲିରିକ୍‌ର ସବା ଶେଷ ଧାଡି ଗୁଡିକ କାହିଁକି ମନକୁ ଛୁଉଁନଥିଲା ମାତ୍ର ଆଉ ଦୁଇ ଦିନ ଅଛି ଆମର ଆନୁଆଲ ଫଙ୍କ୍‌ସନ୍ ହଠାତ୍ ସମସ୍ତେ କହିଲେ ଗୀତର ଶେଷ ପଂକ୍ତିଟି କ୍ଲାଇମାକ୍ସକୁ ଉଠୁ ନାହିଁ, ତାକୁ ବଦଳେଇ ଦେଇ ଅନ୍ୟ ଲିରିକ୍ ନେଇ ନୂଆ ସ୍ୱରରେ ଗୀତଟିକୁ ଗାଇବା କିନ୍ତୁ ମ୍ୟୁଜିକ୍ ଡାଇରେକ୍ଟର ସଫା ସଫା ମନା କରିଦେଲେ "ଏତେ ଶୀଘ୍ର ନା' ଲିରିକ୍ ଲେଖି ହେବ ନା ସ୍ୱର ଦେଇ ହେବ ।"

ଅଗତ୍ୟା ସମସ୍ତଙ୍କ ଦୃଷ୍ଟି ମୋ ଉପରେ କେନ୍ଦ୍ରୀଭୂତ ହେଲା । ଏକା ସ୍ୱରରେ ସମସ୍ତେ କହିଲେ ସରୋଜିନୀ କବିତା ଲେଖେ, ସେ ଲେଖିଦବ ଲିରିକ୍ ଏବଂ ମତେ କହିଲେ "ସରୋଜିନୀ ତୁ ଦୁଇଘଣ୍ଟା ଭିତରେ ସୁନ୍ଦର ଲିରିକ୍‌ଟିଏ ଲେଖ ।" ମୁଁ ତ ପ୍ରଥମେ ବିବ୍ରତ ହୋଇଗଲି "ହେ ଭଗବାନ ! ଫାଷ୍ଟଇୟରଠାରୁ ଆରମ୍ଭ କରି ହାଉସ ସର୍ଜନ ଯାଏଁ ସମସ୍ତେ ଏ ପ୍ରୋଗ୍ରାମ ଦେଖିବେ । ମୁଁ କେମିତି ଲେଖି ପାରିବି ? ପୁଣି ଏତେ ଜଲଦି, ବର୍ଷା ଉପରେ ?" କିନ୍ତୁ ସମସ୍ତେ ନଛୋଡବନ୍ଧା । ଠାକୁରଙ୍କୁ ଡାକି କଲମ ଧରିଲି । ମତେ ଲାଗିଲା ବର୍ଷାର ବିନ୍ଦୁ ବିନ୍ଦୁ ଜଳ ନୁହେଁ, ପ୍ରଭୁଙ୍କର ଆଶୀଷର ଆଂଜୁଳାଏ ଜଳ ଯେପରି ମୋ ହୃଦୟ ଉପରେ ବର୍ଷିଗଲା । ସେ ଥିଲା ଅମୃତର ଜଳ । ମୋ କଲମରୁ ଯେମିତି ଦୁଇଧାଡି କବିତା ଝରିଗଲା - ନୟନର ତୀରେ ଏଇ ଏ ବରଷା/ ଭରିଛି ସପନ, ଭରିଛି ଭରସା/ ଜୀବନର ଏଇ ମଧୁର ବେଳାରେ/ ତୁମେ ଝରାଅ ବରଷା ।

ଆଶ୍ଚର୍ଯ୍ୟର କଥା ସମସ୍ତଙ୍କୁ ଏଇ ଦୁଇଧାଡି ଛୁଇଁଲା । ମ୍ୟୁଜିକ ଡାଇରେକ୍ଟର ଆସି ତାକୁ ସୁନ୍ଦର ସ୍ୱରଟିଏ ଦେଲେ ଏବଂ ସଂପୂର୍ଣ୍ଣ ସଂଗୀତର ଏଇ ଦୁଇଧାଡି ହୃଦୟର ସୂକ୍ଷ୍ମ ତନ୍ତୀରେ କଂପନ ସୃଷ୍ଟି କଲା । ସମସ୍ତେ ଏକାଥରେ କହିଲେ 'ଚମତ୍କାର' 'ଚମତ୍କାର' ମୁଁ ଖୁସିରେ ଆତ୍ମହରା ହୋଇଗଲି ।

ଯେଉଁଦିନ ଆନୁଆଲ ଡେ' ଆରମ୍ଭ ହେଲା ସେଦିନ ଝିପ୍ ଝିପ୍ ବର୍ଷା ହେଉଥିଲା । ଆମେ ଷ୍ଟେଜ ଉପରକୁ ଗଲାବେଳକୁ ମେଡିକାଲ କ୍ୟାମ୍ପସ ମେଘଫୁଲରେ ଛାଇ ଯାଇଥିଲା । ଷ୍ଟେଜ ଉପରେ ପ୍ରଥମ ଶୋ' ହିସାବରେ ଆମର କୋରସଟି ପରିବେଷଣ କରାଗଲା ଏବଂ କହିବା ବାହୁଲ୍ୟ ପ୍ରଥମ ବର୍ଷରୁ ପଞ୍ଚମ ବର୍ଷର ଛାତ୍ରଛାତ୍ରୀଙ୍କ ଭିତରେ ଆମ କୋରସଟି ପ୍ରଥମ ସ୍ଥାନ ଅଧିକାର କରିଥିଲା ।

ସଂଗୀତ ତ ଏମିତି ଏକ କାଳଜୟୀ ଗୀତିକବିତା ଯାହା ମନ ଗହୀରର ଗଭୀର ଅନ୍ଧକାରରୁ ହାତ ବଢାଇ ନେଇଯାଏ ଆତ୍ମାକୁ ଏକ ଆଲୋକିତ ଶ୍ୟାମଳ ପ୍ରାନ୍ତରକୁ ଯେଉଁଠି ସତ୍ୟର ତୂଳୀରେ ଜୀବନ ସଂଗୀତ ଲେଖାଯାଇଥାଏ । (କ୍ରମଶଃ)

ଅନୁବାଦ ଗଳ୍ପ

ଇଏବି ଅହଲ୍ୟା

ମୂଳ ହିନ୍ଦୀ – ଉଷା ମହାଜନ

ଅନୁସୃଜନ– ନମିତା ପାଇକରାୟ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆଉ ଏ ଇରା, ଲଜ୍ଜ୍ୟା ସଂକୋଚ କିଛି ଅଛି ?

ପ୍ରଥମ ଥର ଦେଖିଲା ପରେ ଦିନ ତା ବ୍ୟବହାରରେ ଦଗ୍ଧ ହୋଇଯାଇଥିଲି । ନା ନମସ୍କାର କି ପ୍ରଣାମ, ଜଳ ଜଳ ହୋଇ ଚାହିଁଲା ସିଗାରେଟ ଧୂଆଁ ଉଡ଼ାଇ ସିଧା ଅଜୁର କୋଠରୀ ଭିତରକୁ ପଶି ଯାଇଥିଲା । ଯେମିତି ସେ ଅଜୁର ମା' ନୁହେଁ ଭୂତ ପ୍ରେତ ବା ଅଦରକାରୀ ଉପସ୍ଥିତି । ଅଜୁ ତ ନିଶ୍ଚୟ କହିଥିବ ନା' ସେ ତା' ମାଆ ବୋଲି, ହଁ ଅଜୁର ବି କ

ଶାନ୍ତିଆରେ ସ୍ୱେଚ୍ଛାକୃତ ରକ୍ତାଦାନ ଶିବିର : ୩୮ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୧୯/୧୧ (ନି.ପ୍ର): ଜଳେଶ୍ୱର ପୌରପାଳିକାର ଶାନ୍ତିଆ ଗ୍ରାମ୍ୟ କମିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତାଦାନ ଶିବିର ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ପୁନମ୍ ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲା ରକ୍ତାଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ରକ୍ତକେନ୍ଦ୍ରର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ, କାଉନ୍‌ସିଲ ଚନ୍ଦନ ଦାସ, କବିତା ପାଣି, ଡ. ଅଜିତ୍ ମହାନ୍ତି, ଅରୁଣ କୁମାର ବେଜ, ଗ୍ରାମ୍ୟମୁଖ୍ୟ ସିତାଂଶୁ ସେନାପତି, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦୈତ୍ୟ ପାତ୍ର, ଯୁବ ନେତା ଫାଲଗୁନୀ ପାଣିଗ୍ରାହୀ, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦେବଯାନୀ ଅଣ୍ଡିଆ, ରିତାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ମୋଟ ୩୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

ପୂର୍ବଶତ୍ରୁତାରୁ ଆକ୍ରମଣ : ଜଣେ ଗୁରୁତର, ଆହତ

ଭଦ୍ରକ, ୧୯/୧୧ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତରାସ୍ତାର ମଣିନାଥପୁର ନିର୍ମାଣାଧିନ କଲର୍ଭଟ ନିକଟରେ ତିଖିଲିଆ ଗ୍ରାମର ଗଗନ ଭୋଇଙ୍କ ଉପରେ ଆଜି ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଦିନ ପ୍ରାୟ ୧୦ଟା ସମୟରେ ଶ୍ରୀ ଭୋଇ ପଂଚାୟତ କାର୍ଯ୍ୟାଳୟରୁ ବାଇକ ଯୋଗେ ଫେରୁଥିବା ବେଳେ ପୂର୍ବ ଶତ୍ରୁତା ଯୋଗୁଁ ମଣିନାଥପୁର ଗ୍ରାମର ସମୀର ମଲ୍ଲିକ, ରାଜକିଶୋର ମଲ୍ଲିକ ଓ ଅନ୍ୟମାନେ ଅତର୍କିତ ଆକ୍ରମଣ ଆକ୍ରମଣ କରିଥିଲେ । ଗୁରୁତର ଆହତ ହୋଇଥିବା ଶ୍ରୀ ଭୋଇଙ୍କୁ ବାଟଗଲା ଲୋକେ ଉଦ୍ଧାର କରି ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଶ୍ରୀ ଭୋଇଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ ଡାହାଣ ହାତ ଭାଙ୍ଗିଯାଇଛି । ଅଂଟା ଓ ଗୋଡରେ ଆଘାତ ଲାଗିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଆହତ ଗଗନଙ୍କ ପତ୍ନୀ ବିଦ୍ୟୁତପ୍ରଭା ଭୋଇ ଏଥିନେଇ ଥାନାରେ ଅଭିଯୋଗ କରିଛନ୍ତି । ଆକ୍ରମଣକାରୀ ମାନେ ଅଭିଯୋଗକାରିଣୀଙ୍କୁ ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

କୃତିବାସ ପାଣିଗ୍ରାହୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଉନ୍ମୋଚିତ ହେଲା 'କୀର୍ତ୍ତିମାନ କୃତିବାସ'

ବାଲେଶ୍ୱର,୧୯/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୀଳଗିରି ଗଡ଼ଜାତ ଅଞ୍ଚଳ ରେମୁଣା ବୋଇତବାଙ୍କ ଗ୍ରାମରେ ୧୯୨୫ ମସିହାରେ ଜନ୍ମିତ ଶତାବ୍ଦୀ ପୁରୁଷ କୃତିବାସ ପାଣିଗ୍ରାହୀ ଥିଲେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ । ଏକଧାରରେ ବିଚକ୍ଷଣ ଧୀଶକ୍ତି ସଂପନ୍ନ ଉଚ୍ଚଶିକ୍ଷାବିତ୍, ରାଜନୀତିଜ୍ଞ, ଆଇନଜୀବୀ, କ୍ରୀଡ଼ାବିତ୍, ଗାନ୍ଧିବାଦୀ, ସୁଚିକିତ୍ସକ, ସଫଳ କୃଷକ ଓ ବେଦଜ୍ଞ ଭାବେ ସୁଖ୍ୟାତି ଲାଭ କରି ସମଗ୍ର ଜୀବନ ଅସଂଖ୍ୟ ସ୍କୁଲ ଓ କଲେଜ ନିର୍ମାଣ କରି ଶିକ୍ଷାଜଗତର ଆଲୋକବର୍ତ୍ତିକା ରୂପେ ସମ୍ବୋଧିତ ହୋଇଥିବା ପ୍ରଣମ୍ୟ ବ୍ୟକ୍ତିତ୍ୱଙ୍କ ପ୍ରଥମଶ୍ରାଦ୍ଧ ବାର୍ଷିକୀ ତାଙ୍କ ଜନ୍ମପୀଠ ବୋଇତବାଙ୍କ ବାସଭବନରେ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଆଜି ପାଳିତ ହୋଇଯାଇଛି । ତାଙ୍କର ସୁକନ୍ୟା ନିରୁପମା ପାଣିଗ୍ରାହୀ ବାପାଙ୍କ ଜୀବନ ଓ କୃତୀକୁ ନେଇ ରଚନା କରିଥିବା ଜୀବନୀଗ୍ରନ୍ଥ 'କୀର୍ତ୍ତିମାନ କୃତିବାସ'କୁ ଅତିଥିଗଣ ଉନ୍ମୋଚନ କରିଥିଲେ । ପୁତ୍ର ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାକୁ ସଂଚାଳନା କରିଥିଲେ ଡ. ଭାଗବତ ପ୍ରସାଦ ଦାସ । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ଡ. ରାଧାରଂଜନ ପଟ୍ଟନାୟକ, ଡ. ଶ୍ୟାମସୁନ୍ଦର ପଣ୍ଡା, ନିରଞ୍ଜନ ସାହୁ, ଡ. ଅନ୍ତର୍ଯ୍ୟାମୀ ପଣ୍ଡା, ରମେଶ ଚନ୍ଦ୍ର ଜେନା, ସତ୍ୟଜିତ୍ ମିଶ୍ର, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଜନ ଦେ, ବିଧାନ ଚନ୍ଦ୍ର ରାୟ, ଚିତ୍ରାରାଣୀ ପାତ୍ର, ପ୍ରଣିତା ମିଶ୍ର, ପ୍ୟାରୀମୋହନ ପାତ୍ର, ଗୋପାଳ ଚନ୍ଦ୍ର ନାୟକ, ଦୁକୁଲ ଚନ୍ଦ୍ର ଜାଡାଇ, ଗୋପାଳ ଚନ୍ଦ୍ର କର, ଶ୍ରୀହରି ଦାସ, ନୀଳଗିରି ବାର୍ ଏସୋସିଏସନ ସଭାପତି ମିହିର କୁମାର ରାଉତ, ଆଇନଜୀବୀ ସୁଶାନ୍ତ ବିଶ୍ୱାଳ, ଦେବେନ୍ଦ୍ର ପଣ୍ଡା, ଅମରେନ୍ଦ୍ର ପଟ୍ଟନାୟକ, ସୁବାଶିଷ ଦାସ ମହାପାତ୍ର ଓ ଆଖପାଖ ଅଞ୍ଚଳର ଶତାଧିକ ବ୍ୟକ୍ତି ସ୍ମୃତି ଚାରଣ କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ । ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସଂପାଦକ ପର୍ଶୁରାମ ପରିଡ଼ା ଓ ବାଲେଶ୍ୱର ସଦର ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଶେଷରେ ସ୍ୱର୍ଗତଃ ପାଣିଗ୍ରାହୀଙ୍କର ଉଭୟ ନାତି ଯଯାତି ପାଣିଗ୍ରାହୀ ଓ ନିରଞ୍ଜିବୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ନାମଯଜ୍ଞ ମଧ୍ୟ ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବାରଣାସୀରେ କାଶୀ ତାମିଲ ସଙ୍ଗମମକୁ ....

ରାଷ୍ଟ୍ରୀୟ ଏକତାର ବଟବୃକ୍ଷ ହେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ତିରୁକୁରଲର ତାମିଲ ସହ ଭାରତୀୟ ଭାଷାର ସମ୍ବର୍ଦ୍ଧନା ଏବଂ ଲୋକକଲ୍ୟାଣକାରୀ ଜ୍ଞାନ ପ୍ରଦାନ ଦିଗରେ ଏକ ବଡ଼ ପଦକ୍ଷେପ । କାଶୀରେ ବାବା ବିଶ୍ୱନାଥ ଏବଂ ତାମିଲନାଡୁରେ ଭଗବାନ ରାମେଶ୍ୱରମଙ୍କ ଆଶୀର୍ବାଦ ରହିଛି । କାଶୀ ଓ ତାମିଲନାଡୁ ଉଭୟ ଶିବମୟ ଓ ଶକ୍ତିମୟ । ଆସ୍ଥା, ଆଧ୍ୟାତ୍ମିକତା, ଜ୍ଞାନ, ଭାଷା, ସାହିତ୍ୟ, ସଂସ୍କୃତି ଏବଂ କଳାର ଦୁଇ ପୌରାଣିକ ଏବଂ ଜୀବନ୍ତ କେନ୍ଦ୍ର କାଶୀ ଏବଂ ତାମିଲନାଡୁକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ କାଶୀ ତାମିଲ ସଙ୍ଗମମ୍ ଭଳି ଭବ୍ୟ କାର୍ଯ୍ୟକ୍ରମର ଉଦଘାଟନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ନିଜର ସହଭାଗୀତାରେ ସଙ୍ଗମମକୁ ଐତିହାସିକ କରିବା ପାଇଁ ସମସ୍ତ ପୂଜ୍ୟ ଗୁରୁ, ତାମିଲନାଡୁରୁ ଆସିଥିବା ଅତିଥି, ବିଦ୍ୟାର୍ଥୀ ଏବଂ କାଶୀବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । କାଶୀ ତାମିଲ ସଙ୍ଗମମର ଆୟୋଜନ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସମେତ ଅନ୍ୟ ମନ୍ତ୍ରଣାଳୟ ଯଥା ସଂସ୍କୃତି, ରେଳ, ପର୍ଯ୍ୟଟନ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଉଲରପ୍ରଦେଶର ସରକାରଙ୍କ ସହଯୋଗରେ ଆୟୋଜନ କରାଯାଇଛି । ଆସନ୍ତା ଡିସେମ୍ବର ୧୬ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ । ଏହି କାର୍ଯ୍ୟକ୍ରମ ଅଧୀନରେ ତାମିଲନାଡୁର ୨୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି କାଶୀ ଗସ୍ତ କରିବେ । କାଶୀ ଏବଂ ତାମିମନାଡୁ ଭଳି ଦୁଇ ମହତ୍ୱପୂର୍ଣ୍ଣ ଓ ପ୍ରାଚୀନ ଜ୍ଞାନ କେନ୍ଦ୍ର ମଧ୍ୟରେ ଥିବା ଶତାବ୍ଦୀ ଶତାବ୍ଦୀର ସମ୍ପର୍କକୁ ପୁନର୍ବାର ଉଜ୍ଜିବୀତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ଭାରତୀୟ ଜ୍ଞାନ ପ୍ରଣାଳୀର ମୂଲ୍ୟବାନ ସାମଗ୍ରୀକୁ ଜ୍ଞାନର ଆଧୁନିକ ପ୍ରଣାଳୀ ସହ ଏକାଠୀ କରିବାରେ ବିଶେଷ ଯୋର୍ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଉଲରପ୍ରଦେଶର ରାଜ୍ୟପାଳ ଆନନ୍ଦିବେନ ପଟେଲ, ଉଲର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ଇଚ୍ଛାଧୀନ କୋଟା କେଳେଙ୍କାରୀ....

ଅଡୁଆରେ ପଡିଲେ । ଉତ୍ତରାଧିକାରୀଙ୍କ ସପକ୍ଷରେ ଦାଖଲ-ଖାରଜ କରିପାରିଲେ ନାହିଁ । ଅନେକ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ସରକାର ୟୁ-ଟର୍ଣ୍ଣ ନେଇଥିବା ବେଳେ ଏହାକୁ ସମାଲୋଚନା କରିଛନ୍ତି ବିରୋଧୀ । ସେମାନଙ୍କ ଅଭିଯୋଗ ହେଉଛି, ସରକାର ଜାଣିଶୁଣି ଏଭଳି ଚଞ୍ଚକତା କରିଥିଲେ । ଏବେ କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପତିକୁ ସୁରକ୍ଷା ଦେବା ପାଇଁ ନ୍ୟାୟାଳୟର ନାଁ ନେଇ ଆଗେଇ ଆସିଛନ୍ତି ସରକାର । ଇଚ୍ଛାଧୀନ କୋଟାରେ ବିଡିଏରେ ୧୦୩୮, ସିଡିଏରେ ୨୩୩୨, ହାଉସିଂବୋର୍ଡରେ ୪୦୫ ଘର ଆବଣ୍ଟନ କରାଯାଇଥିଲା । କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା, ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଶେଷରେ ଏକକ ଆବଣ୍ଟନଗ୍ରାହୀଙ୍କୁ ମାଫ୍ କରିଛନ୍ତି ସରକାର ।

ଓଡିଶା କ୍ଷେତ ମଜଦୂର ୟୁନିୟନର ବ୍ଲକ ସମ୍ମିଳନୀ

ଜଳେଶ୍ୱର,୧୯/୧୧ (ନି.ପ୍ର): ଜଳେଶ୍ୱର ବ୍ଲକର ବାଣିଦାର ଅଜିତ୍ ଦାସଙ୍କ ବାସଭବନରେ କ୍ଷେତମଜଦୁର ୟୁନିୟନର ଜଳେଶ୍ୱର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ କମିଟି ସଭାପତି ଦୀପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଲ୍ଲୁ ଦାସ ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଣିବାପରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ରାଜ୍ୟ ସଂପାଦକ ନିର୍ମଳ ନାୟକ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ସଂଗଠନ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ । ସଂପାଦକ ସେକ୍ ଅବଦୁଲ ସାଦ୍ଦିକ ୩ବର୍ଷର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ୧୬ଜଣ ପ୍ରତିନିଧି ରିପୋଟ ଉପରେ ଆଲୋକପାତ କରିଥିଲେ । ୟୁନିୟନର ବରିଷ୍ଠ ନେତା ରୁହ୍ନା ଟୁଡୁ ଲାଲ ପତାକା ଉତ୍ତୋଳନ କରିଥିଲେ । ୧୫ଟି ପଂଚାୟତରୁ ଆସିଥିବା ପ୍ରତିନିଧିମାନେ ସହିଦ୍ ବେଦୀରେ ମାଲ୍ୟାର୍ପଣ କରିଥିଲେ । ସମ୍ମିଳନୀରେ ଗଠିତ ହୋଇଥିବା କମିଟିରେ ସଭାପତିଭାବେ ଦିପ୍ତିମାନ ଆଚାର୍ଯ୍ୟ, ସଂପାଦକ ସେକ୍ ଅବଦୁଲ ସାଦ୍ଦିକ, ଉପସଭାପତି ଦିଲ୍ଲିପ ପରିଡା, ସହସଂପାଦକ ନିରୋଜ ବେହେରା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି । ଆସନ୍ତା ଜାନୁଆରୀ ୭ଓ୮ ତାରିଖରେ ଭଦ୍ରକଠାରେ ରାଜ୍ୟ ସମ୍ମିଳନୀ ୧୩ଜଣ ପ୍ରତିନିଧି ଯୋଗ ଦେବା ସଂପର୍କରେ ଆଲୋଚନା କରାଯାଇଥିଲା । ଉଦ୍‌ଯାପନୀ ସଭାରେ କୃଷକ ସଭାର ଜିଲା ନେତା ଦିଲ୍ଲିପ ଗିରି ଯୋଗ ଦେଇ କୃଷି ଶ୍ରମିକ ମାନଙ୍କୁ ବଂଚିବାକୁ ହେଲେ ଅଧିକାର ସାବ୍ୟସ୍ତ କରିବାକୁ ହେବ ବୋଲି କହିଥିଲେ । ଜବକାର୍ଡଧାରୀଙ୍କୁ ବର୍ଷକୁ ୨ଶହ ଦିନର କାମ, ଦୈନିକ ୬ଶହ ଟଙ୍କା ମଜୁରୀ, ଭୁମୀହୀନଙ୍କୁ ଘରଡିହ ପଟା, ବାସଗୃହ, ବାର୍ଦ୍ଧକ୍ୟଙ୍କୁ ୩ହଜାର ଟଙ୍କା, ରେସନ୍‌କାର୍ଡଧାରୀଙ୍କ ଠାରୁ ୧୦କ୍ୟୁଣ୍ଟାଲ ଧାନ କିଣିବା, ବିହନ, ସାର, କୀଟନାସକ ରିଆତି ମୂଲ୍ୟରେ ଯୋଗାଇବାକୁ ଆହ୍ୱାନ ଦେଇଥିଲେ । ଏଥିରେ କୃଷକ ନେତା ସିତାଂଶୁ ସେନାପତି, ଦିଲ୍ଲିପ ପରିଡା, ରବିନ୍ଦ୍ର ବାରିକ, ବିକର୍ତ୍ତନ କବି, ମହୁଆ ବସୁ, ଅମିସା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ବିଜେଡି ଜାରି କଲା ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି । ଏହି ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାମ ରହିଛି । ଏଥିରେ ୩ ଜଣ ଅଭିନେତା ଥିବା ଜଣାଯାଇଛି । ଏହାଛଡ଼ା କେତେକ ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ ନେତାଙ୍କୁ ବି ଏଥିରେ ସ୍ଥାନ ଦିଆଯାଇଛି । ବିଜେଡି ପକ୍ଷରୁ ଜାରି ଷ୍ଟାର ପ୍ରଚାରକ ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବ୍ୟତୀତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ସୁଶାନ୍ତ ସିଂହ, ରାଜେନ୍ଦ୍ର ଢ଼ୋଲକିଆ, ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ଶ୍ରୀମୟୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ,ସମୀରରଂଜନ ଦାଶ, ଦିବ୍ୟଶଙ୍କର ମିଶ୍ର , ପ୍ରତାପ ଜେନା, ଡକ୍ଟର ଅରୁଣ ସାହୁ, ରବୀନ୍ଦ୍ର କୁମାର ଜେନା, ସୁଧୀର ସାମଲ, ସାରଦା ନାୟକ, ନବ ପଟ୍ଟନାୟକ ଓ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବ୍ୟତୀତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ସୁଶାନ୍ତ ସିଂହ, ରାଜେନ୍ଦ୍ର ଢ଼ୋଲକିଆ, ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ଶ୍ରୀମୟୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ,ସମୀରରଂଜନ ଦାଶ, ଦିବ୍ୟଶଙ୍କର ମିଶ୍ର , ପ୍ରତାପ ଜେନା, ଡକ୍ଟର ଅରୁଣ ସାହୁ, ରବୀନ୍ଦ୍ର କୁମାର ଜେନା, ସୁଧୀର ସାମଲ, ସାରଦା ନାୟକ, ନବ ଦାସ, ପୁଷ୍ପେନ୍ଦ୍ର ସିଂଦେଓ, କଳିକେଶ ନାରାୟଣ ସିଂଦେଓ, ଟୁକୁନି ସାହୁ, ରୀତା ସାହୁ, ମନୋହର ରନ୍ଧାରୀ, ବିଭୂତି ବଳବନ୍ତରାୟ, ଦେବେଶ ଆଚାର୍ଯ୍ୟ, ରମେଶ ମାଝି, ପ୍ରଶାନ୍ତ ମୁଦୁଲି, ଚନ୍ଦ୍ରସାରଥୀ ବେହେରା, ପ୍ରଦୀପ ମାଝି, ବିକ୍ରମ ପଣ୍ଡା, ଅଳକା ମହାନ୍ତି, ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବ୍ରଜ କିଶୋର ପ୍ରଧାନ, ରାଜେନ୍ଦ୍ର କୁମାର ସାହୁ, ଆକାଶ ଦାସ ନାୟକ, ସତ୍ୟବ୍ରତ ତ୍ରିପାଠୀ ଓ ଅରିନ୍ଦମ ରାୟଙ୍କ ସମେତ ମୋଟ ୪୦ଜଣଙ୍କୁ ସାମିଲ କରାଯାଇଛି ।

କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶନିବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କର ୧୦୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଇନ୍ଦିରା ଗାନ୍ଧୀ ପାର୍କରେ ପ୍ରଦେଶ କଂଗ୍ରେସ କମିଟି ଓ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ସେଠାରେ ସମିତି ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ସଭା, ପାଲା ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସମ୍ବିଧାନ ପ୍ରତି ଅନୁଗତ ଓ ବିଶ୍ୱସ୍ତ ରହିବାପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ସମିତିର ଅ୍ୟକ୍ଷ ସୁରେଶ କୁମାର ରାଉତରାୟ ସଭାପତିତ୍ୱ କରିବା ସହିତ ସଂପାଦକ ଅମିୟ ପଟ୍ଟନାୟକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ ଇନ୍ଦିରାଜୀଙ୍କ ତ୍ୟାଗ, ବଳିଦାନ, ଦେଶଭକ୍ତି, ରାଷ୍ଟ୍ର ବିକାଶରେ ଭୂମିକା ଏବଂ ସ'ଳ ପ୍ରଧାନମନ୍ତ୍ରୀତ୍ୱ ସଂପର୍କରେ ଆଲୋକପାତ କରିଥିଲାବେଳେ ଶିବାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜୁ ଛାତ୍ର ଜନତା ଦଳ କଲେଜ ଓ ୟୁନିଭରସିଟି ମାନଙ୍କରେ ଆତଙ୍କରାଜ ଚଳାଇଛନ୍ତି : ୟାସିର ନଓ୍ୱାଜ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ର୍‌ୟାଗିଂ ଘଟଣାକୁ ଛାତ୍ର କଂଗ୍ରେସ ନିନ୍ଦା କରିଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଜୁ ଛାତ୍ର ଜନତା ଦଳ ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯେଉଁ କ୍ୟାମ୍ପସ କମିଟି ଗଠନ କରିଛନ୍ତି ତାହା ସେଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଦୌରାତ୍ମ୍ୟ କରୁଛନ୍ତି ।କିଛି ଅସାମଜିକ ଛାତ୍ରଙ୍କୁ ନେଇ ବିଜୁ ଛାତ୍ର ଜନତା ଦଳ ସବୁଠାରେ କ୍ୟାମ୍ପସ କମିଟି ଗଠନ କରିଛି । କୁହାଯାଇଥିଲା ଶିକ୍ଷାନୁଷ୍ଠାନର ଦୁର୍ନୀତି, ଭ୍ରଷ୍ଟାଚାର, କଲେଜ କର୍ତ୍ତୃପକ୍ଷଙ୍କ ମନମାନି ଓ ଛାତ୍ରଛାତ୍ରୀ ମାନଙ୍କର ସୁରକ୍ଷାକୁ ନେଇ ବିଜୁ ଛାତ୍ର ଜନତାର କ୍ୟାମ୍ପସ କମିଟି କାର୍ଯ୍ୟ କରିବ । ମା

ରବିବାର, ନଭେମ୍ବର ୨୦, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଇନ୍ଦିରା ଗାନ୍ଧୀ ଜଣେ ଦୃଢ଼ମନା ଓ ଦୂରଦର୍ଶୀ ନେତ୍ରୀ ଥିଲେ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହାଭାରତୀୟତାର ମହାନ୍ ଭାବନା ଉଦ୍ରେକ ହେଲେ ଭାଷା, ସ୍ୱାର୍ଥ, ପ୍ରାନ୍ତ ଓ ସଂପ୍ରଦାୟର ଭାବନା ଲୁଚିଯାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ବହୁମୁଖୀ ଅବଦାନ ସଂପର୍କରେ ଆଲୋକପାତ କରିବା ସହ ଭାରତବର୍ଷର ଏକତା, ଅଖଣ୍ଡତା, ସମୃଦ୍ଧି ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ ବୋଲି ପ୍ରକାଶ କରିଥିଲେ । ସମଗ୍ର ଦେଶବାସୀ ମହାନ୍ ଭାରତ ମହାମନ୍ତରେ ଅଭିମଣ୍ଡିତ ହେଲେ ହିଁ ଭାରତ ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜଣେ ଉଚ୍ଚକୋଟୀର ରାଷ୍ଟ୍ରନୀତିଜ୍ଞ, ଦକ୍ଷ ପ୍ରଶାସକ, ପ୍ରଭାବୀ ନେତ୍ରୀ, ଦୂରଦୃଷ୍ଟିସଂପନ୍ନ ମହିଳା ଭାବେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଖୁବ୍ ପରିଚିତ ଥିଲେ । ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଶ୍ରୀମତୀ କସ୍ତୁରୀ ମହାପାତ୍ର କହିଥିଲେ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ସମଗ୍ର ବିଶ୍ୱରେ ଭାରତକୁ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ବହୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ । ରାଷ୍ଟ୍ର ନିର୍ମାଣରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ଅତୁଳନୀୟ । ନାରୀ ସଶକ୍ତିକରଣଠାରୁ ଆରମ୍ଭ କରି ସମାଜର ନିମ୍ନବର୍ଗର ଜନସାଧାରଣଙ୍କୁ ମୁଖ୍ୟସ୍ରୋତରେ ସାମିଲ ନିମନ୍ତେ ତାଙ୍କର ପ୍ରଚେଷ୍ଟା ସର୍ବଦା ସ୍ମରଣୀୟ । ପୂର୍ବତନ ବିଧାୟକ ଭୁଜବଳ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ଜଣେ ଦୃଢ଼ମନା ତଥା ଦୂରଦର୍ଶୀ ନେତ୍ରୀ ଭାବେ ବର୍ଣ୍ଣନା କରିଥିଲେ । ତାଙ୍କ ଶାସନକାଳରେ ଭାରତବର୍ଷର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଥିଲା । ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ଶ୍ରୀ ମାଝୀ କହିଥିଲେ ।

ବିଧାନସଭା ସମ୍ମୁଖରେ ୨ଦିନରେ ବିଜେପିର ସତ୍ୟାଗ୍ରହ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଓଡିଶାରେ ଚାଷୀଙ୍କୁ ସର୍ବଦା ଅବହେଳିତ କରୁଛନ୍ତି ରାଜ୍ୟ ସରକାର। ମଣ୍ଡି ସମସ୍ୟା, ବିହନ ଓ ସାର ଅଭାବ, କଟନି ଛଟନି, ଅବ୍ୟବସ୍ଥିତ ଟୋକନ ବ୍ୟବସ୍ଥା, ବେପାରୀ-ମିଲର-ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକା ଭଳି ଚାଷୀମାରଣ ନୀତି କାରଣରୁ ଚାଷୀଙ୍କ ଭବିଷ୍ୟତ ଲୋପ ହେବାକୁ ବସିଲାଣି। ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ସରକାର ଚାଷୀଙ୍କ ଲାଗି କୌଣସି ବ୍ୟବସ୍ଥା ନକରି ସର୍ବଦା କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦିବାରେ ବ୍ୟସ୍ତ। ନିର୍ବାଚନ ଆସିଲେ ବିଜୁ ଜନତା ଦଳର ଚାଷୀଙ୍କ କଥା ମନେ ପଡେ। ଶାସକ ବିଜେଡି ସର୍ବଦା ଚାଷୀଙ୍କୁ ମୋହାରା ବନାଇ ନିର୍ବାଚନ ବୈତରଣୀ ପାର ହେବାର କଳ୍ପନା କରିଥାଏ। ବିଜୁ ଜନତା ଦଳର ହୀନଚକ୍ରାନ୍ତକୁ ଭାରତୀୟ ଜନତା ପାର୍ଟି କେବେ ସଫଳ ହେବାକୁ ଦେବ ନାହିଁ ବୋଲି ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭାରତୀୟ ଜନତା ପାର୍ଟି ସର୍ବଦା ଚାଷୀଙ୍କ ସହିତ, ଚାଷୀଙ୍କ ପାଇଁ ଓ ଚାଷୀଙ୍କ ସ୍ୱର ହୋଇ କାର୍ଯ୍ୟ କରିଥାଏ। ରାଜ୍ୟ ସରକାରଙ୍କ ଅସହଯୋଗ ପାଇଁ ଓଡିଶାର ଚାଷୀ ସବୁଠୁ ଗରିବ। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ସଂକଳ୍ପବଦ୍ଧ କିନ୍ତୁ ବିଜୁ ଜନତା ଦଳ ଚାଷୀଙ୍କ ଡଂଟିରେ କଂଟା ସାଜି ସମସ୍ତ ସୁବିଧାରୁ ବଂଚିତ କରୁଛନ୍ତି। କେନ୍ଦ୍ର ସରକାର ସର୍ବଭାରତୀୟ ସ୍ତରରେ ଚାଷୀର ଆୟ ୧୦ ହଜାର ଟଙ୍କା କରିଥିବା ବେଳେ ଓଡିଶାରେ ତାହା ମାତ୍ର ୫ ହଜାରରେ ସୀମିତ। ଯାହା ଓଡ଼ିଶାର ଚାଷୀଙ୍କ ଦୁର୍ଭାଗ୍ୟ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଚାଷୀଙ୍କ ପ୍ରତି ରାଜ୍ୟ ସରକାର ଅବହେଳା ଓ ଅନ୍ୟାୟ କରିଛନ୍ତି। ଆଜିର ଏହି ସତ୍ୟାଗ୍ରହରେ ପୁରୀ ଜିଲ୍ଲାର ନିମାପଡା ଓ କାକଟପୁର ଦୁଇ ବିଧାନସଭା ମଣ୍ଡଳୀର ଜନସାଧାରଣ ସାମିଲ ହୋଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଭାରତୀୟ ଜନତା ପାର୍ଟି ନିର୍ଣ୍ଣାୟକ ଲଢ଼େଇ ଲଢୁଛି ଓ ସର୍ବଦା ଚାଷୀଙ୍କ ସାଙ୍ଗରେ ଭାରତୀୟ ଜନତା ପାର୍ଟି ରହିଛି ଓ ଆଗକୁ ରହିବ। ଚାଷୀଙ୍କ ଲାଗି ଭାରତୀୟ ଜନତା ପାର୍ଟି ବିଧାନସଭା ସମ୍ମୁଖରେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ କରିବ। ଯଦି ସତ୍ୟାଗ୍ରହ ପରେ କୁମ୍ଭକର୍ଣ୍ଣରେ ଶୋଇଥିବା ରାଜ୍ୟ ସରକାରଙ୍କ ନିଦ ନଭାଙ୍ଗେ ତାହାଲେ ଆଗାମୀ ଦିନରେ ବିଜେପି ଜିଲ୍ଲା ଓ ସବଡିଭିଜନସ୍ତରରେ ବ୍ୟାପକ ସତ୍ୟାଗ୍ରହ କରିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ନୀଳଗିରି ପୂର୍ତ୍ତ ବିଭାଗର ନୂତନ ଏସ.ଡି.ଓ.ଙ୍କ ଯୋଗଦାନ

ନୀଳଗିରି,୧୯/୧୧ (ନି.ପ୍ର): ନୀଳଗିରି ପୂର୍ତ୍ତ ବିଭାଗର ଏସ.ଡି.ଓ. ପ୍ରଫୁଲ୍ଲ କୁମାର ଦାସଙ୍କ ଅବସର ପରେ କିଛି ମାସ ଧରି ବାଲେଶ୍ୱର ଏସ.ଡି.ଓ. ଦୁର୍ଗାଚରଣ ସାହୁ ଦାୟିତ୍ୱରେ ରହିଥିଲେ। ମାତ୍ର ଦୁଇ ଦିନ ପୂର୍ବରୁ ନୀଳଗିରି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ନୂତନ ଏସ.ଡି.ଓ. ଭାବେ ଇଂ. ରଜନୀକାନ୍ତ ମୁନ୍ନା ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସମ୍ବଲପୁର ଆର.ଡି. ଅଫିସରେ କାର୍ଯ୍ୟ କରୁଥିଲେ । ନୀଳଗିରିର ସମସ୍ତ କାର୍ଯ୍ୟ ସୁଚାରୁ ତଥା ସଠିକ୍ ରୂପେ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ସହ କାର୍ଯ୍ୟର ମାନଦଣ୍ଡ ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ସୂଚନା ଦେଇଛନ୍ତି ।

ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟର ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ

ବାରିପଦା,୧୯/୧୧ (ନି.ପ୍ର): ମୟୂରଭଞ୍ଜ ଲେଖକ ସାମ୍ମୁଖ୍ୟ ତରଫରୁ ଏକ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ସାମ୍ମୁଖ୍ୟର ସଭାପତି ଗୀତାରାଣୀ ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଏକ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଡ. ଅବନୀ କୁମାର କୁଣ୍ଡୁ ମୁଖ୍ୟ ଅତିଥି, ଡା. ପାର୍ଥ ସାରଥୀ ଜେନା ମୁଖ୍ୟବକ୍ତା, ଶରତ ଚନ୍ଦ୍ର ନାୟକ, ଅଜୟ କୁମାର ପାଳ, ପ୍ରୀତି ସୁଧା ତ୍ରୀପାଠି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସାମ୍ମୁଖ୍ୟର ଉଦ୍ୟମକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଆଧୁନିକ କବିତାର ସ୍ୱରୂପ ଓ ସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରି କବିମାନେ ସମାଜରେ ନୈତିକ ତଥା ଆଧାତ୍ମିକ ଚେତନାର ବିକାଶ ନିମିତ୍ତ କବିତା ରଚନା କରିବା ସମ୍ପର୍କରେ ମତ ପୋଷଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ସୁଶ୍ରୀ ଭାରତୀ ବେବର୍ତ୍ତା ଶ୍ରୀ ଜଗନ୍ନାଥଙ୍କର ଭଜନ ପରିବେଷଣ କରିଥିଲେ। ସାମ୍ମୁଖ୍ୟର ପ୍ରତିଷ୍ଠାତା ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ଲେଖକ ସାମ୍ମୁଖ୍ୟର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ସାହିତ୍ୟ ସମାଜର ହିତ ସାଧନ ନିମିତ୍ତ ଉଦ୍ଦିଷ୍ଟ ଓ ପାରସ୍ପାରିକ ଭାବଗତ ସମ୍ପର୍କକୁ ଯୋଡିବା ଦିଗରେ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଭିହିତ କରି ସତ୍ୟ, ଶିବ, ସୁନ୍ଦରର ବାର୍ତ୍ତା ପ୍ରଚାର କରିଥାଏ ବୋଲି ଉଲ୍ଲେଖ କରିଥିଲେ। ପରେ ସାମ୍ମୁଖ୍ୟର ଉପସଭାପତି ତଥା କବୟିତ୍ରୀ ସୁଧାମୟୀ ଦାସ ଓ କବି ଗୋପାଳ ଚନ୍ଦ୍ର ସାଓ ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠୋତ୍ସବରେ ଭଗବତୀ ଦାଶ, ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ପଲେଇ, ଅଜିତ୍ କୁମାର ପାଣିଗ୍ରାହୀ, ସୁଶ୍ରୀ ସୁଜାତା କର, ନରସିଂହ ବାରିକ, ଅଧ୍ୟାପକ ରାଜେନ୍ଦ୍ର ସାମଲ, ସବିତାରାଣୀ ଶୀଟ୍, ମିତାରାଣୀ ସାହୁ, ପାର୍ବତୀ ବାରିକ, ବାସନ୍ତୀଲତା ମହାପାତ୍ର, ଅଧ୍ୟାପକ ବିକାଶ ଚନ୍ଦ୍ର ଧୁଙ୍ଗିଆ, ବରିଷ୍ଠ କବି ବୃନ୍ଦାବନ ଦାଶ, ହିମାଂଶୁ ଶେଖର ଦାସ, ଅନିଲ କୁମାର ପଟ୍ଟନାୟକ, ଅଧ୍ୟାପକ ଡ. ପଙ୍କଜ କୁମାର ମାହାନା, ଅଜୟ କୁମାର ପାଳ, ସୁଧାମୟୀ ଦାଶ, ଗୋପାଳ ସାଓ, ବୀଣାପାଣି ପଣ୍ଡା, ଗୀତାରାଣୀ ସାହୁ, ଅଜିତ୍ କୁମାର କବାଟ, ବିଜୟ କୁମାର ମହାନ୍ତି ଓ ଅଧ୍ୟାପକ ଦୋଳଗୋବିନ୍ଦ ମହାନ୍ତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ କୃତୀ ଶିକ୍ଷକ ଡ. ଶଶିଧର ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ଅତିଥି ପରିଚୟ ପ୍ରଦାନ ପୂର୍ବକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ବସ ଓ ଟ୍ରକ ମୁହାଁ ମୁହିଁ ଧକ୍କା, ୪ ଆହତ

ଜୟପୁର,୧୯/୧୧ (ନି.ପ୍ର): ବସ ଓ ଟ୍ରକ ମୁହାଁ ମୁହିଁ ଧକ୍କା ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲ୍ଲି ଠାରେ ଧକ୍କା ହୋଇଛି । ଘରୋଇ ବସ ବିଷେୟୀ ଯାତ୍ରୀ ଧରି ବସଟି ନବରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ଟ୍ରକଟି ଜୟପୁର ଅଭିମୁଖେ ଆସୁଥିଲା । ଫଳରେ ଧକ୍କା ହୋଇଥିଲା । ଏହି ଧକ୍କାରେ ୪ ଜଣ ଆହତ ହୋଇଛନ୍ତି । ଜୟପୁର ସଦର ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଆହତ ମାନଙ୍କୁ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟକୁ ନିଆଯାଇ ଥିବା ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୯/୧୧ (ନି.ପ୍ର): ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ "ଚାଇଲ୍ଡ ଲାଇନ ସେ ଦୋସ୍ତି" ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ, ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଆସିୟାନାର ସଂଯୋଜକ ରିୟାଜ ଅହମ୍ମଦ, ଚାଇଲ୍ଡ ଲାଇନର ଟିମ୍ ସଦସ୍ୟ ରମାକାନ୍ତ ଜେନା, ପ୍ରଦୀପ କୁମାର ପଣ୍ଡା, ପ୍ରଶାନ୍ତ ମହାପାତ୍ର, ବାସନ୍ତୀ ସେଠୀ, ସାଇନ ଖାଁ, ପ୍ରମୁଖ ଯୋଗଦାନ କରି ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ, ସଚେତନତା, ୧୦୯୮ ଟୋଲଫ୍ରି ନମ୍ବର, ଶିଶୁ ସୁରକ୍ଷା ଆଇନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରମାକାନ୍ତ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରଦୀପ ପଣ୍ଡା ଚାଇଲ୍ଡ ଲାଇନ ଓ ଟୋଲ ଫ୍ରି ନମ୍ବର ସମ୍ବନ୍ଧରେ ଅବଗତ କରିଥିଲେ। ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଶିଶୁ ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ଶୋଷଣ ଓ ବିଭିନ୍ନ ଆଇନର ଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପାଣିଗ୍ରାହୀ ପିଲାମାନଙ୍କୁ ପାଠ୍ୟଖସଡା ବ୍ୟତିରେକ ସାମାଜିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ହେବାକୁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ପରିଶେଷରେ ରିୟାଜ ଅହମ୍ମଦ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଂଗ କରିଥିଲେ।

ରାଜ୍ୟପାଳଙ୍କ ଦ୍ୱାରା ଭୁବନେଶ୍ୱରରେ 'ଏକାମ୍ର ବାଟିକା' ଉଦ୍‌ଘାଟିତ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ପ୍ରତ୍ୟେକ ଶିଶୁ ଅନନ୍ୟ । ତାଙ୍କୁ ନିଜଭଳି ହେବାକୁ ଦିଆଯାଉ । ସେମାନେ କାହାର ଅନୁକରଣ ନକରନ୍ତୁ । ଶିଶୁଙ୍କ ଭିତରେ ଥିବା ଅନନ୍ତ ସମ୍ଭାବନା ଓ ସାମର୍ଥ୍ୟର ପ୍ରକାଶ ନିମନ୍ତେ ଅନୁକୂଳ ପରିବେଶ ନିର୍ମାଣ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି । ଆଜି ଖାରବେଳନଗରଠାରେ ଏକ ଶିକ୍ଷାନୁଷ୍ଠାନ 'ଏକାମ୍ର ବାଟିକା'କୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ପ୍ରକୃତିଠୁ ଜୀବନ ଦୂରେଇ ଯିବା ହିଁ ଅନେକ ସମସ୍ୟାର କାରଣ । ଏଣୁ ଶିଶୁମାନଙ୍କୁ ପ୍ରକୃତି ସହ ଯୋଡ଼ି ରଖିବା ଶିକ୍ଷାବ୍ୟବସ୍ଥାର ପ୍ରମୁଖ ଆଭିମୁଖ୍ୟ ହେବା ଉଚିତ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଶଶାଙ୍କ ବୀରା, ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। 'ଏକାମ୍ର ବାଟିକା'ର ଅଧ୍ୟକ୍ଷା ମେଘ୍ନା ସିଂହଦେଓ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ।

ପଦ୍ମପୁର ଉପନିର୍ବାଚନ ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କଲା ବିଜେପି

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ବିଜେପି ନିଜର ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି। ଦଳର ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ତାଲିକାରେ ଅଛନ୍ତି ୪ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଅର୍ଜୁନ ମୁଣ୍ଡା ଓ ବିଶେଶ୍ୱର ଟୁଡୁ। ସେହିପରି ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଦଳର ପ୍ରଭାରୀ ସୁନୀଲ ବଂଶଲ, ଡି ପୁରନ୍ଦେଶ୍ୱରୀ, ବିଜୟପାଲ ସିଂ ତୋମର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆଦିବାସୀ ନେତା ଗିରିଧର ଗମାଙ୍ଗ ପ୍ରଚାର ମଇଦାନକୁ ଓହ୍ଲାଇବାର ସମ୍ଭାବନା ରହିଛି । ଦଳ ପକ୍ଷରୁ ଜାରି ଷ୍ଟାର ପ୍ରଚାରକ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସାଂସଦ ପ୍ରତାପ ଷଡ଼ଙ୍ଗୀ, ଜୁଏଲ ଓରାମ, ସୁରେଶ ପୂଜାରୀ, ଅପରାଜିତା ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ନୀତିଶ ଗଙ୍ଗଦେବ, ସଙ୍ଗୀତା ସିଂହଦେଓଙ୍କ ସମେତ ବିଧାୟକ ନାଉରୀ ନାଏକ, ମୋହନ ଚରଣ ମାଝୀ, ଶଙ୍କର ଓରାମ, ନିତ୍ୟାନନ୍ଦ ଗଣ୍ଡ, ଭବାନୀଶଙ୍କର ଭୋଇ, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ନବନିର୍ବାଚିତ ଯୁବ ବିଧାୟକ ସୁରଜ ସୂର୍ଯ୍ୟବଂଶୀ ସ୍ଥିତପ୍ରଜ୍ଞ, ବରିଷ୍ଠ ନେତା ମନମୋହନ ସାମଲ, କେଭି ସିଂଦେଓ, ସମ୍ବିତ ପାତ୍ର, ଚୁନ୍ନିଲାଲ ସାହୁ, ସୁରମା ପାଢ଼ୀ, ରବିନାରାୟଣ ନାଏକ, ମାନସ କୁମାର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ପ୍ରସାଦ ମହାପାତ୍ର, ରଞ୍ଜନ କୁମାର ପଟେଲ, ବିଭୂପ୍ରସାଦ ତରାଇ ଓ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଦଳର ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରାଯାଇଥିବା ଜଣାପଡ଼ିଛି ।

ଜ୍ଞାନ ବିକାଶରେ ଗ୍ରନ୍ଥାଗାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାର ସପ୍ତାହ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ବିଭିନ୍ନ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହେବା ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଂଘମିତ୍ରା ସାହୁ, ପଦ୍ମନାଭ ଜେନା, କୁକୁମିନା ଦାସ, ରୁଦ୍ରପ୍ରସାଦ ବେହେରା, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଡମଣି ବିଶ୍ୱାଳ, ମଞ୍ଜୁରାଣୀ ମୁଦୁଲି, ସୁବର୍ଣ୍ଣ ପଣ୍ଡାଙ୍କ ସମେତ ଉପେନ୍ଦ୍ର ମୁଦୁଲି, ଲକ୍ଷ୍ମଣ ମାଝୀ, ହଟକିଶୋର ଗୁରୁଙ୍କ ସମେତ ସମସ୍ତ କର୍ମଚାରୀ ଓ ପାଠକମାନେ ଯୋଗଦେଇ ନିଜ ବକ୍ତବ୍ୟରେ ଗ୍ରନ୍ଥାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରନ୍ଥାଗାରର କ୍ରମ ବିକାଶ ହୋଇ ସାଂପ୍ରତିକ ସ୍ଥିତିରେ ନୂତନ ଜ୍ଞାନ କୌଶଳରେ ଗ୍ରନ୍ଥାଗାର ଗୁଡ଼ିକ ପରିଚାଳିତ ହେଉଥିବା ବେଳେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ମଧ୍ୟ ଏହି ଜ୍ଞାନ କୌଶଳରେ ନିଜକୁ ସାମିଲ୍ କରି ପ